୬ ଆଇପିଏଲକୁ ନେଇ ବଡ଼ ସଙ୍କେତ ଦେଲେ ମାହି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୮୭ ● ୪ ଅଗଷ୍ଟ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-187 ● 4th August 2025, Monday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

## ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦୁଝର ଗସ୍ତ

# ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଜନ ପ୍ରତିନିଧିଙ୍କ ଦାବିକୁ କାର୍ଯ୍ୟକାରୀ କର

କେନ୍ଦୁଝର, ୩।୮

ନ୍ୟୁଜ୍ ବ୍ୟୁରୋ/ନ୍ୟୁଜ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କେନ୍ଦୁଝର ଜିଲ୍ଲା ଗସ୍ତ କରି ଦରବାର ହଲ୍‌ଠାରେ ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କେନ୍ଦୁଝର ଜିଲ୍ଲାରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଯୋଗୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ପ୍ରକଳ୍ପ ଗୁଡ଼ିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୈଠକରେ ବିଭିନ୍ନ ସ୍ଥାନକୁ ଯୋଗାଯୋଗ ତଥା ଗମନାଗମନ ଉପରେ ଗୁରୁତ୍ୱ ଦେଇ ସମ୍ପୃକ୍ତ ପ୍ରକଳ୍ପଗୁଡିକର ପୁଙ୍ଖାନୁପୁଙ୍ଖ ସମୀକ୍ଷା




କରିଥିଲେ। ରାଇସୁଆଁ ଏୟାର୍ ଷ୍ଟ୍ରିପ୍, କେନ୍ଦୁଝର ବାଇପାସ୍, ଆଇକନିକ୍ ବ୍ରିଜ୍, ରେଲୱେ ଷ୍ଟେସନ୍ ରାସ୍ତା, ନୁଦୁରପଡ଼ାରୁ କାଳିଆହତା ରାସ୍ତା, ପିଠାଗୋଳା ରାସ୍ତା (ହରିଚନ୍ଦନପୁରରୁ ତେଲକୋଇ), ଶୁଆକଟି ଦୁଗୁନା ବ୍ରିଜ୍ ବୈତରଣୀ ନଦୀ ଉପରେ, ମାଇନିଙ୍ଗ କରିଡ଼ର ଓ ଅନ୍ୟ ମୁଖ୍ୟ ରାସ୍ତା କାମର ସମୀକ୍ଷା କରି ଅଗ୍ରଗତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ।

ଏହାସହିତ ମନୋହରପୁରରୁ ପିଠାଗୋଳା ରାସ୍ତା, ଘଟଗାଁ-ହରିଚନ୍ଦନପୁର-ଦୈତାରି ରାସ୍ତା, ଢେଙ୍କିକୋଟରୁ ବାରହାଟିପୁରା ରାସ୍ତା, ଘଟଗାଁରୁ ଗୁଣ୍ଡିଚାଘାଗି ରାସ୍ତାର ଉନ୍ନତିକରଣ ପ୍ରକଳ୍ପଗୁଡିକର ସମୀକ୍ଷା କରିବା ସହ ରାମଚନ୍ଦ୍ରପୁରରୁ ଦେଓଗାଁ ବ୍ରିଜ ଶୀଘ୍ର ଶେଷ କରିବା ନୂଆ ରାସ୍ତା ଓ ବ୍ରିଜ୍ ଗୁଡ଼ିକର ନୂତନ ପ୍ରସ୍ତାବ ମଧ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗର କାର୍ଯ୍ୟ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛି ତାହାର କାରଣ ବୁଝି ଏଥିପାଇଁ ଯାଥୋଚିତ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ସର୍କିଟ ହାଉସ ଆନେକ୍ସ ବିଲଡିଂ କାମ ତ୍ୱରାନ୍ୱିତ କରିବା, ଡିପିଆର ପ୍ରସ୍ତୁତି, ଭୂମି ଅଧିଗ୍ରହଣକୁ ତ୍ୱରାନ୍ୱିତ (ପୃଷ୍ଠା ୭ରେ)

# ଆନ୍ଧ୍ର ପଥର ଖଣିରେ ଭୟଙ୍କର ବିସ୍ଫୋରଣ : ୬ ଓଡ଼ିଆ ଶ୍ରମିକ ମୃତ

ଭୁବନେଶ୍ୱର, ୩।୮

ନ୍ୟୁଜ୍ ବ୍ୟୁରୋ

ଆନ୍ଧ୍ରପ୍ରଦେଶର ଏକ ପଥର ଖଣିରେ ରବିବାର ପୂର୍ବାହ୍ଣରେ ବିସ୍ଫୋରଣ ଘଟିଛି। ଏଥିରେ ୬ ଜଣ ଓଡ଼ିଆ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୦ରୁ ଅଧିକ ଗୁରୁତର ହୋଇଛନ୍ତି। ମୃତକମାନଙ୍କ ମଧ୍ୟରୁ ୪ ଜଣ ଗଞ୍ଜାମ ଓ ଅନ୍ୟ ୨ ଜଣ ଗଜପତି ଜିଲ୍ଲାର ବୋଲି ଜଣାପଡ଼ିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ।

ସୂଚନା ଅନୁସାରେ ଆନ୍ଧ୍ର ପ୍ରଦେଶ ବାପଟାଲା ଜିଲ୍ଲା ବାଲିକୁରୁମା ପଥର କୁଆରୀରେ ଶ୍ରମିକମାନେ କାମ କରୁଥିଲେ। ଏମାନଙ୍କ ମଧ୍ୟରେ ୧୮ ଜଣ ଓଡ଼ିଆ ଶ୍ରମିକ ଥିଲେ। କାମ ଚାଲିଥିଲା ବେଳେ ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ ହିଁ ୬ ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଗୁରୁତର ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକ ମଧ୍ୟରେ ଦିଗପହଣ୍ଡିର ୪ ଜଣ ଓ ଗଜପତି ଜିଲ୍ଲା ମୋହନା ଥାନା ଅଞ୍ଚଳରେ ୨ ଜଣ ଶ୍ରମିକ ବୋଲି ଜଣାପଡ଼ିଛି। ଉଦ୍ଧାର କାର୍ଯ୍ୟ ଜାରି ଥିବା ଯୋଗୁ ମୃତ୍ୟୁ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି।

ଆନ୍ଧ୍ରପ୍ରଦେଶ ପୁଲିସ (ପୃଷ୍ଠା ୭ରେ)



## ୪ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୮ : ନ୍ୟୁଜ୍ ବ୍ୟୁରୋ

ଆନ୍ଧ୍ର ପ୍ରଦେଶର ବପଟଲା ଜିଲ୍ଲା ଅନ୍ତର୍ଗତ ବଲିକୁରଭା ନିକଟସ୍ଥ ସତ୍ୟକୃଷ୍ଣା ଗ୍ରାନାଇଟ୍ ଖଣିରେ ରବିବାର ସକାଳେ ଘଟିଥିବା ଏକ ଦୁଃଖଦ ଦୁର୍ଘଟଣାରେ ୬ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଗଞ୍ଜାମ ଜିଲ୍ଲାର ଦଣ୍ଡ ବଡ଼ତ୍ୟା, ବନମାଳ ଚେହ୍ରା, ଭାସ୍କର ବିଶୋଇ, ସନ୍ତୋଷ ଗୌଡ଼ ଏବଂ ଗଜପତି ଜିଲ୍ଲାର ଟକୁନ ଦଳାଇ ଓ ମୁସା ଜାନ। ଏହି ଘଟଣାରେ ଅନ୍ୟ ୧୦ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରି ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ମାଧ୍ୟମରେ ପ୍ରତି ମୃତକଙ୍କ ନିକଟତମ ଆତ୍ମୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

ପୁଲିସ ସୂଚନା ଅନୁସାରେ, ଖଣିରେ କାମ ଚାଲୁଥିବା ସମୟରେ ଏକ ବିଶାଳ ପଥର ଖଣ୍ଡ ଖସି ପଡ଼ିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା। ଆହତମାନଙ୍କୁ (ପୃଷ୍ଠା ୭ରେ)

## ପୂର୍ବତନ ସିଜେଆଇଙ୍କୁ ମିଳିଲା ନୂଆ ଠିକଣା



ନୂଆଦିଲ୍ଲୀ, ୩।୮

ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ଜାତୀୟ ରାଜଧାନୀରେ ଥିବା ସୁପ୍ରିମକୋର୍ଟର ମୁଖ୍ୟଙ୍କ ସରକାରୀ ବାସଭବନ ଖାଲି କରିଛନ୍ତି। ଭାରତର ୫୦ତମ ସିଜେଆଇ ଜଷ୍ଟିସ ଚନ୍ଦ୍ରଚୂଡ଼ ୮ ନଭେମ୍ବର, ୨୦୨୪ରେ ଅବସର ନେଇଥିଲେ। ନିକଟରେ ନୂଆଦିଲ୍ଲୀର ୫, କୃଷ୍ଣ ମେନନ ମାର୍ଗରେ ଥିବା ସିଜେଆଇଙ୍କ ସରକାରୀ ବାସଭବନରେ ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ରହିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଜଷ୍ଟିସ ଚନ୍ଦ୍ରଚୂଡ଼ ୭ ଜୁଲାଇରେ ଗଣମାଧ୍ୟମ ସହିତ ଆଲୋଚନାରେ ପରିସ୍ଥିତି ସ୍ପଷ୍ଟ କରି କହିଥିଲେ ଯେ ଜିନିଷ ପ୍ୟାକ ହୋଇସାରିଛି ଏବଂ ସେ ଖୁବ ଶୀଘ୍ର ତାଙ୍କ ପତ୍ନୀ ଏବଂ ପିଲାମାନଙ୍କ (ପୃଷ୍ଠା ୭ରେ)

# ଶୁଳ୍କ ହାର କମିବ ନାହିଁ : ଆମେରିକା

ୱାଶିଂଟନ, ୩।୮

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସପ୍ତାହରେ ଅନେକ ଦେଶ ଉପରେ ଶୁଳ୍କ ଘୋଷଣା କରିଛନ୍ତି। ଟ୍ରମ୍ପ କାନାଡା, ବ୍ରାଜିଲ, ଭାରତ, ତାଇୱାନ ଏବଂ ସ୍ୱିଜରଲ୍ୟାଣ୍ଡ ପାଇଁ ନୂତନ ଶୁଳ୍କ ହାର ଲାଗୁ କରିଛନ୍ତି। ଏହାକୁ ନେଇ ଭାରତ ସମେତ ସାରା ବିଶ୍ୱରେ ଚର୍ଚ୍ଚା ଜାରି ରହିଛି । ଏହା ସତ୍ତ୍ୱେ ଆମେରିକାର ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀୟର ରବିବାର ସ୍ପଷ୍ଟ କରିଛନ୍ତି ଯେ ଦେଶଗୁଡ଼ିକ ଉପରେ ଲାଗୁ ହୋଇଥିବା ଶୁଳ୍କରେ କୌଣସି ପରିବର୍ତ୍ତନ ହେବ ନାହିଁ।



ଆମେରିକୀୟ ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଜେମିସନ ଗ୍ରୀୟର କହିଛନ୍ତି ଯେ ବାଣିଜ୍ୟ ଚୁକ୍ତି ଉପରେ ଅନେକ ଦେଶ ସହିତ ଆଲୋଚନା ଚାଲିଥିବା ସତ୍ତ୍ୱେ, ସ୍ଥିର ହୋଇଥିବା ଶୁଳ୍କ ସମାନ ରହିବ। ଟ୍ରମ୍ପ କାନାଡାରୁ ଆସୁଥିବା ଅନେକ ସାମଗ୍ରୀ ଉପରେ ୩୫ ପ୍ରତିଶତ, ବ୍ରାଜିଲ ପାଇଁ ୫୦ ପ୍ରତିଶତ, ଭାରତ ପାଇଁ ୨୫ ପ୍ରତିଶତ, ତାଇୱାନ ପାଇଁ ୨୦ ପ୍ରତିଶତ ଏବଂ ସ୍ୱିଜରଲ୍ୟାଣ୍ଡ ପାଇଁ ୩୯ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି।

ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ସମ୍ପ୍ରତି ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି ଏବଂ ଭାରତୀୟ ଅର୍ଥନୀତିକୁ ଏକ ମୃତ ଅର୍ଥନୀତି ବୋଲି ମଧ୍ୟ କହିଛନ୍ତି। ଭାରତ ଅନୁଯାୟୀ, ଟ୍ରେଲ୍ ଡିଲ୍ ସମ୍ପର୍କରେ ଆଲୋଚନା ଏବେ ବି ଚାଲିଛି ଏବଂ ଏହି ମାସରେ ଏକ ଆମେରିକୀୟ ପ୍ରତିନିଧି ଦଳ ଭାରତ ଗସ୍ତ କରିପାରନ୍ତି। ତେବେ କୃଷି, ଡାଇରି ଭଳି କ୍ଷେତ୍ରକୁ ଆମେରିକା ପାଇଁ ଖୋଲାଯିବ ନାହିଁ ବୋଲି ଭାରତ ସ୍ପଷ୍ଟ କରିଛି ।

# ବିସ୍ଫୋରଣରେ ଟ୍ରାକ୍ ଉଡାଇଲେ ମାଓବାଦୀ : ଜଣେ ରେଳ କର୍ମଚାରୀ ମୃତ

ରାଉରକେଲା, ୩।୮

ନ୍ୟୁଜ୍ ବ୍ୟୁରୋ

ରବିବାର ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ୫ଟି ରାଜ୍ୟରେ ବନ୍ଦ ଡାକରାରେ ହିଂସାକାଣ୍ଡ ହିଂସାକାଣ୍ଡ ଭିଆଇଛନ୍ତି ମାଓବାଦୀ । ଶନିବାର ବିଳମ୍ବିତ ରାତିରେ ବାନ୍ଧମୁଣ୍ଡା ରେଲୱେ କଣ୍ଟ୍ରୋଲର ରାଙ୍ଗଡ଼ା-କରମପଦା ମଝିରେ ରେଳଧାରଣାରେ ବିସ୍ଫୋରଣ ଘଟାଇଛନ୍ତି । ବିସ୍ଫୋରଣରେ ଦୁଇଟି ସ୍ଲିପର କୋଚ ବାହାରି ଯାଇଥିବା ବେଳେ ଟ୍ରାକରେ ଖାତ ସୃଷ୍ଟି ହୋଇଛି । ବିସ୍ଫୋରଣ ସ୍ଥଳଠୁ ଏକ କିଲୋମିଟର ବ୍ୟବଧାନରେ ମାଓପୋଷ୍ଟର ଲଗାଇଛନ୍ତି । (ପୃଷ୍ଠା ୭ରେ)

## ପରିବାରକୁ ୧୦ ଲକ୍ଷ ଆର୍ଥିକ ସହାୟତା ଘୋଷଣା

ଭୁବନେଶ୍ୱର, ୩।୮ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ଘଟିଥିବା ଏକ ଅପ୍ରତ୍ୟାଶିତ ଆଇଇଡି ବିସ୍ଫୋରଣରେ ଭାରତୀୟ ରେଳରେ କାର୍ଯ୍ୟରତ କି-ମ୍ୟାନ୍ ଇଟୁଆ ଓରାମଙ୍କ ଦୁଃଖଦ ମୃତ୍ୟୁ ଘଟିଥିବା ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଭୀର ଶୋକ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କୁହାଯାଇଛି ଯେ, ଓଡ଼ିଶା ଝାଡ଼ଖଣ୍ଡ ସୀମାରେ ଏକ ଅପ୍ରତ୍ୟାଶିତ ଆଇଇଡି ବିସ୍ଫୋରଣରେ ଭାରତୀୟ ରେଳରେ କାର୍ଯ୍ୟରତ କି-ମ୍ୟାନ୍ (ପୃଷ୍ଠା ୭ରେ)



## ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା: ଓଡ଼ିଶା ବିଏସଇ ଉପାଧ୍ୟକ୍ଷ ନିହାର ରଞ୍ଜନ ମହାନ୍ତି ଗିରଫ

ଭୁବନେଶ୍ୱର, ୩।୮ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପ୍ରଶ୍ନପତ୍ର ଲିକ୍ ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କ୍ରାଇମବ୍ରାଞ୍ଚ ରବିବାର ଦିନ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ର ଉପାଧ୍ୟକ୍ଷ ନିହାର ରଞ୍ଜନ୍ ମହାନ୍ତିଙ୍କୁ ଗିରଫ କରିଛି।

ଶନିବାର ତାଙ୍କୁ ପଚରା ଉଚୁରା କରାଯାଇଥିଲା । ଏହି ପଚରା ଉଚୁରା ପରେ ଶ୍ରୀ ମହାନ୍ତିଙ୍କୁ ଏହି ଘଟଣାରେ ଜଡିତ ଥିବା କାରଣରୁ ଗିରଫ କରାଯାଇଛି। ଏହି ଗିରଫ ସହିତ ଏହି ମାମଲାରେ ଏପର୍ଯ୍ୟନ୍ତ ମୋଟ ଗିରଫ ସଂଖ୍ୟା ୮କୁ ପହଞ୍ଚିଛି।

ଉଲ୍ଲେଖନୀୟ ଯେ ସାରା ରାଜ୍ୟର ପ୍ରାଥମିକ ଶିକ୍ଷକ ମାନଙ୍କ ପାଇଁ ସ୍ୱତନ୍ତ୍ର ଓଟିଇଟି -୨୦୨୫ ପରୀକ୍ଷା ୨୦ ଜୁଲାଇରେ ଅନୁଷ୍ଠିତ ହେବାର ଥିଲା । ହେଲେ ପ୍ରଶ୍ନ ପତ୍ର ଲିକ୍ ହେବା କାରଣରୁ ଏହାକୁ ହଠାତ୍ ବାତିଲ୍ କରାଯାଇଥିଲା। ପରୀକ୍ଷାର ପୂର୍ବ ମଧ୍ୟ ରାତ୍ରୀରେ ଏକ ବିଜ୍ଞପ୍ତି ମାଧ୍ୟମରେ ପରୀକ୍ଷାକୁ ରଦ୍ଦ କରାଯିବା ସମ୍ପର୍କରେ ଘୋଷଣା କରାଯାଇଥିଲା। ଏହା ଫଳରେ ପରୀକ୍ଷାର୍ଥୀମାନଙ୍କ ମନରେ ଆଶଙ୍କା ଓ ଅସନ୍ତୋଷ ଦେଖିବାକୁ ମିଳିଥିଲା । ପରୀକ୍ଷା ପାଇଁ ମୋଟ ୭୫,୪୦୩ ଶିକ୍ଷକ ଆବେଦନ କରିଥିଲେ, ଯାହାକୁ ରାଜ୍ୟର ୩୦ଟି ଜିଲ୍ଲାର ୧୯୩ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ କରାଯିବାକୁ ଥିଲା।

# ଭିଜିଲାନ୍ସ ଜାଲରେ ଏମଭିଆଇ : ୪୪ଟି ଜମିପ୍ଲଟ୍ ଠାବ

ଭୁବନେଶ୍ୱର, ୩।୮ : ନ୍ୟୁଜ୍ ବ୍ୟୁରୋ

ବୌଦ୍ଧର ଏମଭିଆଇ ଗୋଲାପ ଚନ୍ଦ୍ର ହାଁସଦାଙ୍କ ପାଖରେ ରହିଛି ୪୪ଟି ଜମିପ୍ଲଟ। ୫୦୦ ଗ୍ରାମ୍ ସୁନାରେ ରହିଛି ୨ଟି ବିସ୍କୁଟ, ସୁନାଗହଣା। ସେହିପରି ପାଖାପାଖି ଅଢ଼େଇ କିଲୋ ରୁପା। ସବୁଠାରୁ ବଡ଼ କଥା ହେଲା ଟଙ୍କା ନେଣଦେଣ ନେଇ ଡାଏରିରେ ଥିଲା ତଥ୍ୟ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ଉ ବେଳେ ଶ୍ରୀ ହାଁସଦାଙ୍କ ଠିକଣାରେ ଓଡ଼ିଶା ଭିଜିଲାନ୍ସକୁ ରବିବାର ଏହି ଭଳି ତଥ୍ୟ ମିଳିଛି।

ଭିଜିଲାନ୍ସ ବିଭାଗର ଚଢ଼ଉ ବେଳେ ଜଣାପଡ଼ିଛି ଯେ, ଶ୍ରୀ ହାଁସଦା ୫୪ ଲକ୍ଷ ଟଙ୍କାର ବୀମା ଡିପୋଜିଟ୍ କରିଛନ୍ତି। ସେହିପରି ୧ କୋଟି ୧୦ ଲକ୍ଷ ଟଙ୍କାର





ବ୍ୟାଙ୍କ ଡିପୋଜିଟରେ ବ୍ୟାଙ୍କ, ପୋଷ୍ଟାଲ ଓ ବୀମା ସାମିଲ ରହିଛି। ଭିଜିଲାନ୍ସ ଟିମ୍ ଅଧିକ ତଦନ୍ତ ଜାରି ରଖିଛି।

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୌଦ୍ଧର ଏମଭିଆଇ ଗୋଲାପ ଚନ୍ଦ୍ର ହାଁସଦାଙ୍କ ବାସଭବନ ସମେତ ୬ଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଚଢ଼ଉ ହୋଇଛି। ସ୍ୱତନ୍ତ୍ର ବିଚାରପତି, (ପୃଷ୍ଠା ୭ରେ)

## କେନାଲକୁ କାର୍ ଖସି ୧୧ ମୃତ

ଗୋଣ୍ଡା, ୩।୮

ରବିବାର ଉତ୍ତରପ୍ରଦେଶର ଗୋଣ୍ଡା ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ୧୫ ଜଣ ଏକ ବୋଲେରୋ କାରରେ ପୃଥ୍ୱୀନାଥ ମନ୍ଦିରକୁ ଯାଉଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି।

ପୋଲିସ ଅଧିକ୍ଷକ ଏନେଇ ସୂଚନା ଦେଇ କହିଛନ୍ତି, ଇଟିୟାଥୋକ୍ ଥାନା ଅଞ୍ଚଳର ରେହରା ବେଲୱା ବାହୁତା କେନାଲ ନିକଟରେ ଭାରସାମ୍ୟ ହରାଇ ବୋଲେରୋଟି ଓଲଟି ପଡ଼ିଥିଲା । ଦୁର୍ଘଟଣାରେ ତିନି ଜଣ ଶିଶୁ ଏବଂ ଜଣେ ଡ୍ରାଇଭର ସମେତ ଚାରି ଜଣଙ୍କୁ ଉଦ୍ଧାର କରାଯାଇଛି। ୧୧ ଜଣଙ୍କ ମୃତ୍ୟୁ ହୋଇଛି।

## ସମୁଦ୍ରରେ ନିଖୋଜ ମତ୍ସଜୀବୀଙ୍କୁ ଉଦ୍ଧାର ପାଇଁ ପୋଲିସ ପକ୍ଷରୁ ତଲାସୀ ଜାରି

ବାଲେଶ୍ୱର, ୩।୮

ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଜିଲ୍ଲା ସମୁଦ୍ର ଭିତରକୁ ଯାଇ ନିଖୋଜ ଥିବା ୪ ଜଣ ମତ୍ସଜୀବୀଙ୍କୁ ଉଦ୍ଧାର କରିବାକୁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ତଲାସି ଅଭିଯାନ ଜାରି ରହିଛି। ଓଡ଼ିଶା ପୋଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ଓଡ଼ିଶା ପୋଲିସ ନିଜର ତିନୋଟି ଅତ୍ୟାଧୁନିକ ବୋଟ ଯଥା କସଫଳ ସାମୁଦ୍ରିକ ଥାନାର ୧୨ ଟନ ବିଶିଷ୍ଟ ବୋଟ ଏବଂ ବଳରାମଗଡ଼ି ସାମୁଦ୍ରିକ ଥାନାର ୧୨ ଓ ୫ ଟନ ବିଶିଷ୍ଟ ଦୁଇଟି ବୋଟକୁ ତଲାସୀ କାର୍ଯ୍ୟରେ ମୁତୟନ କରାଯାଇଛି। ଏହା ସହ ରାଜ୍ୟ ମତ୍ସ୍ୟ ସମ୍ପଦ ବିଭାଗର ସାଗର ମିତ୍ର ମଧ୍ୟ ଏହି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଓଡ଼ିଶା ପୋଲିସର ତଟ ସୁରକ୍ଷା ବାହିନୀର ଡ୍ରୋନ ସହାୟତାରେ ମତ୍ସ୍ୟଜୀବୀଙ୍କ ଅବସ୍ଥିତି ସମ୍ପର୍କରେ ଆକାଶ ମାର୍ଗରୁ ନିରୀକ୍ଷଣ କରାଯିବା ସହ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବାକୁ ଭୋର ସମୟରୁ ସାମୁଦ୍ରିକ ଥାନା ପକ୍ଷରୁ ସମୁଦ୍ର ମଧ୍ୟରେ ତଲାସୀ କରାଯାଉଅଛି । ରାଜ୍ୟ ପୋଲିସର ଅନୁରୋଧ (ପୃଷ୍ଠା ୭ରେ)

# ୩୫ଟି ଅତ୍ୟାବଶ୍ୟକ ଔଷଧର ମୂଲ୍ୟ ହ୍ରାସ



ନୂଆଦିଲ୍ଲୀ, ୩।୮

ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନପିପିଏ) ୩୫ଟି ଅତ୍ୟାବଶ୍ୟକ ଔଷଧର ମୂଲ୍ୟ ହ୍ରାସ କରିଛି। ଏହି ଔଷଧଗୁଡ଼ିକ ଅନେକ ବଡ଼ ଫାର୍ମା କମ୍ପାନୀ ଦ୍ୱାରା ବିକ୍ରି କରାଯାଏ ଏବଂ ଏଥିରେ ଆଣ୍ଟି-ଇନଫ୍ଲେମେଟୋରି, ହୃଦରୋଗ, ଆଣ୍ଟିବାୟୋଟିକ୍, ମଧୁମେହ ଏବଂ ମାନସିକ ରୋଗ ଭଳି ଗୁରୁତ୍ୱପୂର୍ଣ୍ଣ ଔଷଧ ଅନ୍ତର୍ଭୁକ୍ତ।


ରାସାୟନିକ ଏବଂ ସାର ମନ୍ତ୍ରଣାଳୟ ଏନପିପିଏର ମୂଲ୍ୟ ନିୟନ୍ତ୍ରଣ ଆଧାରରେ ଏହି ବିଜ୍ଞପ୍ତି ଜାରି କରିଛି। ନୂତନ ମୂଲ୍ୟ ଲାଗୁ ହେବା ପରେ, ଦୀର୍ଘ ସମୟ ଧରି ଦୀର୍ଘକାଳୀନ ରୋଗ ପରିଚାଳନା କରୁଥିବା ରୋଗୀମାନେ ସିଧାସଳଖ ଲାଭ ପାଇବେ। ବିଜ୍ଞପ୍ତି ଅନୁସାରେ, ଯେଉଁ ପ୍ରମୁଖ ସ୍ଥିର ଡୋଜ୍ ମିଶ୍ରଣଗୁଡ଼ିକର ମୂଲ୍ୟ ହ୍ରାସ କରାଯାଇଛି ସେମାନଙ୍କ ମଧ୍ୟରେ ଆସେକ୍ଲୋଫେନାକ୍-ପାରାସିଟାମୋଲ୍-ଟ୍ରାଇପ୍ସିନ୍ କାଇମୋଟ୍ରିପ୍ସିନ୍, ଆମୋକ୍ସିଲିନ୍ ଏବଂ ପୋଟାସିୟମ୍ କ୍ଲାଭ୍ୟୁଲାନେଟ୍, ଆଟୋରଭାଷ୍ଟାଟିନ୍ ମିଶ୍ରଣ ଏବଂ ଏମ୍ପାଗ୍ଲିଫ୍ଲୋଜିନ୍, ସିଟାଗ୍ଲିପ୍ଟିନ୍ ଏବଂ ମେଟଫର୍ମିନ୍ ଭଳି ନୂତନ ମୌଖିକ ଆଣ୍ଟି-ଡାଇବେଟିକ୍ ମିଶ୍ରଣ ଅନ୍ତର୍ଭୁକ୍ତ। ଉଦାହରଣ ସ୍ୱରୂପ, ଡକ୍ଟର ରେଡ୍ଡିଜ୍ ଲ୍ୟାବ୍ସ ଦ୍ୱାରା ବଜାରକୁ ଆସୁଥିବା ଏକ ଆସେକ୍ଲୋଫେନାକ୍-ପାରାସିଟାମଲ୍-ଟ୍ରାଇପସିନ୍ (ପୃଷ୍ଠା ୭ରେ)

## ଆଗାମୀ ୫ ଦିନ ମଧ୍ୟରେ ଭୀଷଣ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୩।୮ : ନ୍ୟୁଜ୍ ବ୍ୟୁରୋ

ଆଗାମୀ ୩ ଦିନ ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ରାଜ୍ୟର ଅଧିକାଂଶ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଏହାର ପରବର୍ତ୍ତୀ ୨ ଦିନ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହି ଜିଲ୍ଲା ଗୁଡିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ଢେଙ୍କାନାଳ,



ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ବରଗଡ଼ । ଏହି ସମୟରେ ଏସବୁ ଜିଲ୍ଲାର କେତେକ ସ୍ଥାନରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ ।

ଅଗଷ୍ଟ ୪ ତାରିଖରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୪ ଅଗଷ୍ଟ ୨୦୨୫ ସୋମବାର





# ଗ୍ରାମୀଣ ଓଡ଼ିଶାକୁ ସ୍ଥାୟୀ କୃଷି ପାଇଁ ସ୍ଥିର ଜଳବାୟୁ କାର୍ଯ୍ୟକ୍ରମ ସହିତ ସଶକ୍ତ କରୁଛି ଟିପିସିଓଡିଏଲ

**କୁଜଙ୍ଗ, ନ୍ୟୁଜ ବ୍ୟୁରୋ**

ନିରନ୍ତର ଗ୍ରାମୀଣ ବିକାଶ ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକରେ 'ସମୃଦ୍ଧି' ପ୍ରକଳ୍ପ ଅଧୀନରେ ଏକ ସ୍ଥିର ଜଳବାୟୁ କାର୍ଯ୍ୟକ୍ରମ ଆରମ୍ଭ କରିଛି।



ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଜଳବାୟୁ-ପ୍ରତିରୋଧୀ କୃଷି ଏବଂ ଆନୁଷଙ୍ଗିକ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିବା, ପରିବର୍ତ୍ତିତ ଜଳବାୟୁ ପରିସ୍ଥିତି ସହିତ ଖାପ ଖୁଆଇବା ପାଇଁ ଆବଶ୍ୟକୀୟ ଜ୍ଞାନକୌଶଳ ସହିତ ଚାଷୀମାନଙ୍କୁ ଅବଗତ କରିବା। ଏହି ପଦକ୍ଷେପ ସାମୁଦାୟିକ ପ୍ରସ୍ତୁତିକୁ ସୁଦୃଢ଼ କରିବା, ଜଳବାୟୁ ସମ୍ବନ୍ଧୀୟ ବିପଦ ହ୍ରାସ କରିବା ଏବଂ ଚାଷୀ ପରିବାର ପାଇଁ ଆୟ ବୃଦ୍ଧି କରିବା ଉପରେ ଧ୍ୟାନ ଦିଏ। ଟିପିସିଓଡିଏଲ ସୁନିଶ୍ଚିତ କରୁଛି ଯେ, ଏହି ଅଭିନବ ପ୍ରୟାସ କେବଳ ପ୍ରଚଳନ ନୁହେଁ ବରଂ ତୃଣମୂଳ ସ୍ତରରେ ପ୍ରଭାବଶାଳୀ ଭାବରେ ଗ୍ରହଣ କରାଯାଇଛି। ତାଲିମ ଅଧିବେଶନଠାରୁ କ୍ଷେତ୍ର ପ୍ରଦର୍ଶନ ପର୍ଯ୍ୟନ୍ତ, ଏହି ପ୍ରୟାସ କୃଷି କ୍ଷେତ୍ରରେ ଦୀର୍ଘକାଳୀନ ଆଚରଣଗତ ପରିବର୍ତ୍ତନ ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଣୟନ କରାଯାଇଛି।

ଏହି କାର୍ଯ୍ୟକ୍ରମ ଟିପିସିଓଡିଏଲ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ସାମୁଦାୟିକ ସଶକ୍ତିକରଣ, ପରିବେଶଗତ ସ୍ଥିରତା ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶ ପ୍ରତି ପ୍ରତିବଦ୍ଧତାର ପରିଚୟ ଦେଉଛି।

# କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହଙ୍କୁ ଭେଟିଲେ ପ୍ରତାପ ଷଡ଼ଙ୍ଗୀ



**ବାଲେଶ୍ୱର, ନ୍ୟୁଜ**

ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ତାଙ୍କ ଦିଲ୍ଲୀ ସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ସାକ୍ଷାତ ସମୟରେ ଓଡ଼ିଶାରେ ଏକ କୃଷି ବିଶ୍ୱବିଦ୍ୟାଳୟ ଓ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଖୋଲିବା ପାଇଁ ଦାବୀପତ୍ର ଉପସ୍ଥାପନା କରିଛନ୍ତି। ଏହା ସହିତ କୃଷି ଓ କୃଷକଙ୍କ ବହୁବିଧ ସମସ୍ୟା ଉପରେ ଆଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କେନ୍ଦ୍ର କୃଷି ମନ୍ତ୍ରାଳୟ ଏ ସଂପର୍କରେ ସବିଶେଷ ଅନୁଧ୍ୟାନ କରି ଯଥାଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଡିଜିଟାଲ ମୋଡରେ ଫାଇଲ କାର୍ଯ୍ୟପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏଣିକି ଆଉ କାଗଜ ଫାଇଲ ଦେଖିବାକୁ ମିଳିବ ନାହିଁ। ଡିଜିଟାଲ ମୋଡରେ କାର୍ଯ୍ୟ କରିବ ଜିଲ୍ଲାର ସମସ୍ତ କାଯ୍ୟାଳୟ। ବ୍ଲକ ଠାରୁ ଜିଲ୍ଲା କାଯ୍ୟାଳୟ ପଯ୍ୟନ୍ତ ଏହି ଡିଜିଟାଲ ବ୍ୟବସ୍ଥା ଲାଗୁ ହୋଇଛି। ଏହାକୁ ଓସ୍ୱାସ( ଓଡିଶା ଷ୍ଟେଟ ୱାର୍କ ଫ୍ଲୋ ଅଟୋମେସନ ସିଷ୍ଟମ) କୁହାଯାଏ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସମସ୍ତ ଜିଲ୍ଲା ଏବଂ ବ୍ଲକ ସ୍ତରୀୟ ଅଧିକାରୀ ମାନଙ୍କୁ ଏଣିକି ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ସରକାରୀ କାଯ୍ୟ ତ୍ୱରାନ୍ୱିତ ହେବ ଏବଂ ସାଧାରଣ ଜନତା ଏଥିରୁ ଉପକୃତ ହେବା ସହିତ ପ୍ରଶାସନିକ ସ୍ୱଚ୍ଛତା ଏହାଦ୍ୱାରା ପ୍ରତିପାଦିତ ହେବ ବୋଲି କୁହାଯାଇଛି। ଆଜିର ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଓକାକର ଡମେନ ଆଡ଼ଭାଇଜର ସତ୍ୟ ରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ ) ନବକ୍ରିଷ୍ଣ ଜେନାଙ୍କ ସମେତ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଜେପି ପକ୍ଷରୁ ମନୋନିତ ହେଲେ ନୂତନ ମଣ୍ଡଳ ସଭାପତି

**ରମ୍ଭା, ନ୍ୟୁଜ ବ୍ୟୁରୋ**

ରମ୍ଭା ସହରାଞ୍ଚଳ ତଥା ମଣ୍ଡଳ ସଭାପତି ରୂପେ ଘନଶ୍ୟାମ ବେହେରାଙ୍କୁ ଦଳ ପକ୍ଷରୁ ମନୋନୀତ କରାଯାଇଛି। ନବ ନିଯୁକ୍ତ ମଣ୍ଡଳ ସଭାପତି ଘନଶ୍ୟାମ ବେହେରା,ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ତତ ସହିତ ଗଣମାଧ୍ୟମ ନିକଟରେ ନିଜର ମତ ରଖି ସହରରେ ବିକାଶ ସହିତ ତୃଣମୂଳ ସ୍ତରରେ ପହଂଚିବା ସହିତ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଉଦ୍ୟମ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।

# ପିଏମ୍ କିଶାନର ୨୦ତମ କିସ୍ତି ରାଶି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ ଦ୍ୱାରା ଚାଷୀଙ୍କୁ ହସ୍ତାନ୍ତର

**ରାଉରକେଲା, ନ୍ୟୁଜ**

ସୁନ୍ଦରଗଡର ସଂସ୍କୃତି ଭବନ ଠାରେ କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ଓ କୃଷକ ଶସକ୍ତିକରଣ ବିଭାଗ, ସୁନ୍ଦରଗଡର ମିଳିତ ସହଯୋଗରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧିର ୨୦ ତମ କିସ୍ତି ବିତରଣ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଥିଲା। ଉତ୍ତର ପ୍ରଦେଶରର ବାରଣାସୀ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨.୭୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀମାନଙ୍କୁ ପି.ଏମ୍. କିଶାନର ୨୦ ତମ କିସ୍ତି ଡିବିଟି ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରିଥିଲେ। ଜିଲ୍ଲା ସଂସ୍କୃତି ଭବନଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସାଂସଦ, ସୁନ୍ଦରଗଡ ଜୁଏଲ ଓରାମ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଓଡିଶା ବିଧାନ ସଭାର ମାନ୍ୟବର ଉପ ବାଚସ୍ପତି ତଥା ମାନ୍ୟବର ତଳସରା ବିଧାୟକ ଶ୍ରୀ ଭବାନୀ ଶଙ୍କର ଭୋଇ, ରଘୁନାଥପାଲିର ମାନ୍ୟବର ବିଧାୟକ ଶ୍ରୀ ଦୁର୍ଗାଚରଣ ତନ୍ତୀ, ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ କୁନ୍ତି ପ୍ରଧାନ, ସୁନ୍ଦରଗଡ଼ ପୌରାଧକ୍ଷା ଶ୍ରୀମତୀ ତନୟା ମିଶ୍ର ଯୋଗ ଦେଇଥିଲେ। ସେହିଭଳି କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଅଭିମନ୍ୟୁ ମାଝୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁରଜ ପଟ୍ଟନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଆଇ ଏ ଏସ ଶିକ୍ଷାନବିଶ ଫାବୀ ରସିଦ ସଦୟ ଉପସ୍ଥିତ ରହିଥିଲେ।



ପି.ଏମ କିଶାନ ଅନ୍ତର୍ଗତ ଚାଷୀ ମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇ ସେମାନଙ୍କୁ ଆର୍ଥିକ ଭାବେ ସ୍ୱଚ୍ଛଳ କରିବା ସହିତ ଏହି ସହାୟତା ରାଶିକୁ ଚାଷୀଭାଇ ଭଉଣୀ ମାନେ କୃଷି କ୍ଷେତ୍ରରେ ଉପଯୋଗ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ମୁଖ୍ୟ ଅତିଥି ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ ନିଜ ଅଭିଭାଷଣ ରେ ପ୍ରକାଶ କରିଥିଲେ। ସେହିଭଳି କେନ୍ଦ୍ର ସରକାର ତଥା ଓଡିଶା ସରକାରଙ୍କ ଦ୍ୱାରା ଚାଷୀ ମାନଂକ ନିମନ୍ତେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଯୋଜନା ଗୁଡ଼ିକରେ ଅର୍ନ୍ତଭୁକ୍ତ ହୋଇ ତାହାକୁ କୃଷି କ୍ଷେତ୍ରରେ ଉପଯୋଗ କରିବାକୁ ଅତିଥି ମାନେ ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ। ଆଜି ପି.ଏମ କିଶାନ ଅନ୍ତର୍ଗତ ସୁନ୍ଦରଗଡ଼ ଜିଲ୍ଲାର ୧୩୫୩୯୫ ଜଣ ଚାଷୀ ମାନଙ୍କ ବ୍ୟାଙ୍କ ଆକାଉଣ୍ଟ କୁ ସିଧାସଳଖ ପ୍ରାୟ ୨୭ କୋଟି ଟଙ୍କା ସହାୟତା ରାଶି ହସ୍ତାନ୍ତର ହୋଇଛି। ସେମାନଙ୍କ ମଧ୍ୟରୁ ବାଲିଶଙ୍କରା ବ୍ଲକ ରୁ ୧୧୫୪୨, ବଡ଼ଗାଁ ରୁ ୯୯୦୦, ବିଶ୍ରା ୫୬୦୯, ବଣାଇରୁ ୬୫୨୪, ଗୁରୁଣ୍ଡିଆରୁ ୫୯୬୭, ହେମଗିରିରୁ ୬୪୮୫, କୋଇଡାରୁ ୩୨୫୨, କୁଆଁରମୁଣ୍ଡାରୁ ୮୬୯୨, କୁତ୍ରାରୁ ୯୮୧୭, ଲହୁଣୀପଡ଼ାରୁ ୮୬୦୧, ଲାଠିକଟାରୁ ୭୧୪୮, ଲେଫ୍ରିପଡ଼ାରୁ ୯୫୨୧, ନୂଆଗାଁରୁ ୧୨୪୫୦, ସବଡେଗାରୁ ୭୩୩୫, ସଦରରୁ ୭୫୪୩ ଏବଂ ଟାଙ୍ଗରପାଲି ବ୍ଲକରୁ ୬୪୮୮ ଜଣ ଚାଷୀ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ଲକ୍ଷ୍ମୀପ୍ରିୟା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟିକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ, କୃଷି ବିଶେଷଜ୍ଞ ଏବଂ ବିଭିନ୍ନ ବ୍ଲକର ଚାଷୀ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ।

# ଏବିସି ଜରିଆରେ କୁକୁର ବନ୍ଧ୍ୟାକରଣ ଯୋଜନା ଫେଲ୍ : ବୃଦ୍ଧି ପାଉଛି କୁକୁରଙ୍କ ପ୍ରାଦୁର୍ଭାବ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପୌରାଞ୍ଚଳରେ ପ୍ରାଣୀ ଧନ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ ବାଟବଣା ହୋଇଯାଇଛି। ଫଳରେ ସୋନପୁର ସହରରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବଜାର ହାଟ ସାହି ଗଳିକନ୍ଦିରେ ଏମାନେ ଉତ୍ପାତ କରୁଛନ୍ତି। ବୁଲା କୁକୁର ମାନଙ୍କ ପାଇଁ ପ୍ରାୟ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ହେଉଛି। ସହରର ଏହି କୁକୁରଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୋଜନା ଥିଲେ ମଧ୍ୟ ତାହା ସଫଳ ହେଉନାହିଁ। ପ୍ରାଣୀ ଧନ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ କେବଳ ନାମକୁ ମାତ୍ର ଚାଲିଛି। ଏବିସି ଜରିଆରେ କୁକୁର ବନ୍ଧ୍ୟାକରଣ ଯୋଜନା ଏଠାରେ କାର୍ଯ୍ୟକାରୀ ହେଉନାହିଁ। ଫଳରେ ପ୍ରତି ଗଳିକନ୍ଦିରେ ବୁଲା କୁକୁର ସମସ୍ୟା ଦେଖା ଦେଇଛି। ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ମାଳମାଳ ବୁଲା କୁକୁରଙ୍କ ପାଦୃରଭାବ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। କର୍ତ୍ତୃପକ୍ଷ କୁକୁର ଙ୍କ ବନ୍ଧ୍ୟାକରଣ କରୁନଥିବାରୁ ବଂଶ ବୃଦ୍ଧି ପାଉଛି। ଏଥିସହ ବୁଲାକୁକୁରଙ୍କୁ ସ୍ଥାନାନ୍ତରିତ ନିୟମଥିବା ସ୍ଥଳେ ତାହା କରାଯାଉନାହିଁ। ଯାହାଫଳରେ ବୁଲା କୁକୁରଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। ବୁଲା କୁକୁରଙ୍କ କାମୁଡ଼ାରେ ଲୋକ ତ୍ରାହି ତ୍ରାହି ଡ଼ାକିଲେଣୀ, ବୁଲା କୁକୁର ଯୋଗୁଁ ବହୁ ଦୁର୍ଘଟଣା ମାନ ଘଟି ଧନଜୀବନ କ୍ଷତି ଘଟୁଛି। ଦିନ ବେଳା ୮ ରୁ ୯ ବୁଲା କୁକୁର ମେଳି ହୋଇ ଘୂରି ବୁଲୁଛନ୍ତି। ଏକୁଟିଆ ଛୋଟ ପିଲା ଦେଖି ଆକ୍ରମଣ କରୁଛନ୍ତି। ରାତ୍ର ସମୟରେ ବିଭିନ୍ନ ସାହି ବସ୍ତିରେ ୨୦ରୁ ୨୨ ବୁଲା କୁକୁର ମେଳି ବାନ୍ଧି ଘୂରି ବୁଲୁଛନ୍ତି ତାଙ୍କ ଚିତ୍କାର ଅସହ୍ୟ ହୋଇ ପଡୁଅଛି। ଯାହା ଆଶା କରାଯାଉଛି ଭବିଷ୍ୟତରେ ବୁଲା କୁକୁରଙ୍କ ପୌରାଞ୍ଚଳ ପରିଣତ ହେବ। ବନ୍ଧ୍ୟାକରଣ ଓ ସ୍ଥାନାନ୍ତରିତ କରିବା ମୁନିସିପାଲିଟି, କର୍ପୋରେସନରେ ନିୟମ ରହିଛି କିନ୍ତୁ ଏହା କରାଯାଉ ନାହିଁ। ଫଳରେ ବୁଲା କୁକୁର ବଂଶ ବୃଦ୍ଧିପାଇବାରେ ସହାୟକରେ ଲାଗିଛି। ସ୍ୱଚ୍ଛ ଭାରତ, ସ୍ୱଚ୍ଛଓଡ଼ିଶା ରେ ଖୋଲା ମଳତ୍ୟାଗ ଉପରେ ଗୁରୁତ୍ୱ ଦିଆଯାଉଥିଲା ବେଳେ ପ୍ରତି ସକାଳୁ ସୋନପୁର ବଜାର ଓ ସାହି ବସ୍ତିରେ କୁଢ଼ କୁଢ଼ କୁକୁର ମଳ ଦେଖିବାକୁ ମିଳୁଛି।


# ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ ବିଭାଗର ସମ୍ବନ୍ଧିତ ତଥ୍ୟ ଗୁଡ଼ିକର ସମୀକ୍ଷା କଲେ ଜିଲ୍ଲାପାଳ



**ବାଲେଶ୍ୱର, ନ୍ୟୁଜ**

ଜଳେଶ୍ୱର ବିଧାନସଭା କ୍ଷେତ୍ର ସମ୍ପର୍କିତ ୨୦୨୫ର ତୃତୀୟ ଏସି-ଡିସି ( ବିଧାନସଭା କ୍ଷେତ୍ର ବିକାଶ ସମୀକ୍ଷା) ବୈଠକ ବସ୍ତା ବ୍ଲକ ସମ୍ମିଳନୀ କକ୍ଷ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ଅଧ୍ୟକ୍ଷତା ବିଧାୟକ ଜଳେଶ୍ୱର ଅଶ୍ୱିନୀ କୁମାର ପାତ୍ର କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ (ସଦସ୍ୟ-ସଂଯୋଜକ), ବସ୍ତା ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ରଞ୍ଜନ ଜେନା, ଜଳେଶ୍ୱର ନଗରପାଳିକା ଅଧ୍ୟକ୍ଷ ପ୍ରତାପ କୁମାର ପ୍ରଧାନ, ବସ୍ତା ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ଓ ଭୋଗରାଇ ବିଡିଓ ମିହିର ରଞ୍ଜନ ଦାସ ଉପସ୍ଥିତ ଥିଲେ। ବୈଠକର ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ପରେ ବିଧାୟକ ଶ୍ରୀ ପାତ୍ର ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ/ସଦସ୍ୟାଙ୍କୁ ଉଦବୋଧନ କରିଥିଲେ। ଏହି ବୈଠକରେ ପ୍ରଥମେ ପୂର୍ବରୁ ଆଲୋଚିତ ପ୍ରକଳ୍ପ ଓ କାର୍ଯ୍ୟ ଗୁଡିକର ସମୀକ୍ଷା କରାଯାଇଥିଲା। ଆସନ୍ତା କାର୍ଯ୍ୟସମୂହ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ପକ୍ଷରୁ ଉପସ୍ଥିତ ବ୍ଲକ କୃଷି ଅଧିକାରୀଙ୍କୁ ବନ୍ୟା ଦ୍ୱାରା ପ୍ରଭାବିତ ଚାଷ କ୍ଷୟକ୍ଷତିର ଆକଳନ ରିପୋର୍ଟ ସମ୍ବନ୍ଧରେ ପ୍ରଶ୍ନ କରାଯାଇଥିଲା। ଆର.ଡି, ପୂର୍ତ୍ତ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଓ ଜଳସେଚନ ବିଭାଗ ଅଧୀନରେ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ହେବା ସହିତ ଆଗାମୀ ପ୍ରକଳ୍ପ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପ୍ରକଳ୍ପ ଗୁଡିକରେ ଜମି ସମ୍ପର୍କିତ ବିବିଧ ସମସ୍ୟା ଏବଂ ଅନ୍ୟାନ୍ୟ ପ୍ରଶାସନିକ ମାମଲାକୁ ଗଭୀରଭାବେ ଆଲୋଚନା କରାଯାଇଥିଲା। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ, ଜିଲ୍ଲା ସି.ଏସ.ଓ କାର୍ଯ୍ୟାଳୟ ଆଦି ବିଭାଗର ସମ୍ବନ୍ଧିତ ତଥ୍ୟ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ପରିଶେଷରେ ସମସ୍ତଙ୍କୁ ବୈଠକର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଯାଇ ଏବଂ ଦିଆଯାଇଥିବା ନିର୍ଦ୍ଦେଶନାମା ଓ ନିର୍ଦ୍ଦେଶ ଗୁଡ଼ିକୁ ନିଷ୍ଠାର ସହିତ ପାଳନ କରିବା ଆବଶ୍ୟକ ବୋଲି ଆଲୋକପାତ କରାଯାଇଥିଲା।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୪।୮।୨୦୨୫, ଶ୍ରାବଣ ଦି୨୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୨୩।୨୮ ଚନ୍ଦ୍ରୋଦୟ- ଦିଘ ୨।୨୩।୧୪**


**ଦଶମୀ-** ଦିଘ ୧୧।୪୨ ପର୍ଯ୍ୟନ୍ତ। **ଅନୁରାଧା ନକ୍ଷତ୍ର-** ଦିଘ ୯।୧୨ ପର୍ଯ୍ୟନ୍ତ। **ବିଛା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୧୧।୪୨ ପରେ ଶିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ଘ ୫।୨୭ ଗତେ ଘ ୭।୦୩ ମଧ୍ୟେ। ଦିଘ ୪।୪୧ ଗତେ ଘ ୫।୨୬ ମଧ୍ୟେ। **ପର୍ବୋତ୍ସବ-** ଶ୍ରୀମନ୍ଦିରେ ଝୁଲଣ ଯାତ୍ରା ଆରମ୍ଭ।




**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ। ଚଞ୍ଚଳତାର ଶିକାର ହୋଇପାରନ୍ତି। ପାରିବାରିକ ସହଯୋଗ ଲାଭ କରିବେ। ଦେହ ଓ ମନ ଭଲ ରହିବ।




**ବୃଷ:** ମନରେ ଶତ ସିଂହର ବଳ ଆସିବ। ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା। ଆୟର ପଥ ପରିଷ୍କାର ହେବ। ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ। ପାରିବାରିକ ସୁଖ ଲାଭ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ। ସାମୟିକ ବ୍ୟସ୍ତତା ଦେଖାଦେବ। ଭୋଗ ବିଳାସରେ ବିଘ୍ନ ଘଟିବ। କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା। ଆୟ ଓ ବ୍ୟୟ ସମାନ ରହିବ। ଘରେ ଶାନ୍ତି ଲାଭ ହେବ।




**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ। ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ। ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା। ଘରେ ଆନନ୍ଦ ଦେଖାଦେବାର ସୂଚନା।




**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ। ଆୟ ଓ ବ୍ୟୟ ସମାନ ରହିବ। ସାଧାରଣ କଥା ବୃହତ୍ ହେବ। ପରିବାରରୁ ସମର୍ଥନ ଲାଭ କରିବେ। ମନ ଅସ୍ଥିର ରହିବ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ। ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ। କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆୟରେ ଉନ୍ନତି ହେବ। ମହିଳାମାନେ ଗର୍ବୀ ହେବେ।



**ତୁଳା:** ମନରେ ଅଭିମାନ ଆସିବ। କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ। ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା। ପରିବାରରେ ତୃପ୍ତି ଲାଭ। ବ୍ୟୟର ମାତ୍ରା ବଢ଼ିବ।



**ବିଛା:** ମନରେ ଅସ୍ଥିରତା ଦେଖାଦେବ। ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ କଳହ ଦେଖାଦେଇପାରେ। କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ। ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ। ଆୟ ପୂର୍ବ ପରି ସ୍ଥିର ରହିବ। ଘରେ ଗତିରୋଧର ସମ୍ମୁଖୀନ ହେବେ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ। କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁ ସହଯୋଗ ମିଳିବ। ଆୟ ମଧ୍ୟମ ହେବ। ଘରେ ଶାନ୍ତି ଲାଭ। ମହିଳାମାନେ ସୁଖୀ ହେବେ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ। କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ। ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ। ପରିବାରରେ ଅସହଯୋଗ ଦେଖାଦେବ। ବନ୍ଧୁ ଦର୍ଶନର ସୁଯୋଗ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ। ଦୂରଯାତ୍ରା କରି ସୁଫଳ ପାଇପାରିବେ। ପରିବାରରୁ ସତ୍ ପରାମର୍ଶ ମିଳିବ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୯।୭।୨୦୨୫, ଶ୍ରାବଣ ଦି୨୧ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫/୨୩/୪୮ ଚନ୍ଦ୍ରୋଦୟ- ଦିଘ ୩/୧୮/୧୩**

**ଏକାଦଶୀ-** ଦିଘ ୧/୧୩ପର୍ଯ୍ୟନ୍ତ। **ଜ୍ୟେଷ୍ଠାନକ୍ଷତ୍ର ଓ ବିଛାରାଶି-** ଦିଘ ୧୧/୨୧ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଦିଘ ୧୧/୨୧ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର। ଘାତ ଚନ୍ଦ୍ର-** ଦିଘ ୧୧/୨୧ ଗତେ ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଦିଘ ୧/୧୩ ପରେ ପୋଇ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮/୪୦ ଗତେ ଘ ୧୦/୩୫ ମଧ୍ୟେ, ଦିଘ ୪/୪୧ ଗତେ ଘ ୫/୨୬ ମଧ୍ୟେ।

**ପର୍ବୋତ୍ସବ-**ପୁତ୍ରଦା ଏକାଦଶୀ, ଉତ୍କଳେ ଝୁଲଣ ଯାତ୍ରା ଆରମ୍ଭ।

ସମ୍ପାଦକୀୟ

31 YEARS
ସମ୍ବାଦ କଳିକା

# ଭାରତ ଛାଡ଼ିଲେଣି ୨ଲକ୍ଷ ୬ ହଜାର ନାଗରିକ

ପ୍ରତିବର୍ଷ ଲକ୍ଷ ଲକ୍ଷ ଭାରତୀୟ ସେମାନଙ୍କର ନାଗରିକତା ଛାଡ଼ି ଅନ୍ୟ ଦେଶରେ ବସତି ସ୍ଥାପନ କରୁଛନ୍ତି । ଏତିକି ବେଳେ କେନ୍ଦ୍ର ସରକାର ସଂସଦରେ କହିଛନ୍ତି ଯେ ୨୦୨୪ରେ ମଧ୍ୟ ଦୁଇ ଲକ୍ଷରୁ ଅଧିକ ଲୋକ ଭାରତର ନାଗରିକତା ଛାଡ଼ିଛନ୍ତି । ତଥାପି, ଏହି ସଂଖ୍ୟା ୨୦୨୩ ବର୍ଷ ତୁଳନାରେ କମ୍ । ସୂଚନାଥାଉକି ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ ଏହି ସଂଖ୍ୟା ବିଷୟରେ ସୂଚନା ଦେବା ସମୟରେ ସରକାର କହିଛନ୍ତି ଯେ ଏହି ସଂଖ୍ୟାରେ ଗତ ଛଅ ବର୍ଷର ତଥ୍ୟ ଅନ୍ତର୍ଭୁକ୍ତ । ତଥ୍ୟ ଦର୍ଶାଉଛି ଯେ ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ନାଗରିକତା ଛାଡ଼ିବା ଲୋକଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ସୂଚନାଥାଉକି ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ରାଜ୍ୟସଭାରେ ତଥ୍ୟ ଉପସ୍ଥାପନ କରି କହିଛନ୍ତି ଯେ ୨୦୨୪ ମସିହାରେ ୨ ଲକ୍ଷ ୬ ହଜାର ଲୋକ ଭାରତୀୟ ନାଗରିକତା ଛାଡିଛନ୍ତି, ୨୦୨୩ ରେ ୨ ଲକ୍ଷ ୧୬ ହଜାର ୨୧୯ ଜଣ ଭାରତୀୟ ନାଗରିକତା ଛାଡ଼ିଛନ୍ତି । ଏହା ବ୍ୟତୀତ ୨୦୨୨ ମସିହାରେ ମୋଟ ୨ ଲକ୍ଷ ୨୫ ହଜାର ଲୋକ ଭାରତୀୟ ନାଗରିକତା ଛାଡ଼ିଛନ୍ତି । ଏହା ବ୍ୟତୀତ ୨୦୨୧ ରେ ୧ ଲକ୍ଷ ୬୩ ହଜାରରୁ ଅଧିକ ଲୋକ ଭାରତୀୟ ନାଗରିକତା ଛାଡ଼ିଛନ୍ତି । ୨୦୨୦ରେ ୮୫ ହଜାର ଲୋକ ନାଗରିକତା ଛାଡ଼ିଛନ୍ତି ଏବଂ ୨୦୧୯ ରେ ମୋଟ ୧ ଲକ୍ଷ ୪୪ ହଜାର ଲୋକ ଭାରତୀୟ ନାଗରିକତା ଛାଡ଼ିଛନ୍ତି । ରାଜ୍ୟସଭାରେ ଉପସ୍ଥାପିତ ତଥ୍ୟରେ କୁହାଯାଇଛି ଯେ ୨୦୨୩ ତୁଳନାରେ ୨୦୨୪ ମସିହାରେ ସାମାନ୍ୟ ହ୍ରାସ ଘଟିଛି । ସେହିପରି ଗତ ତିନି ବର୍ଷ ମଧ୍ୟରେ ଏହି ସଂଖ୍ୟା ଦୁଇ ଲକ୍ଷ ଉପରେ ରହିଛି ।

# ସାଧୁ ଯେ ମଳୟ ପବନ...



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା – ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଜ୍ଞାନଗର୍ଭା, ସଦାଚାରୀ, ସତ୍‌ଚରିତ୍ର, ନମ୍ର ସ୍ୱଭାବୀ, ଅଧ୍ୟାତ୍ମ ରାସାର୍ଦ୍ର । ଏଇମାନଙ୍କୁ ସାଧାରଣତଃ ସାଧୁ ଆଖ୍ୟା ଦିଆଯାଏ । ସନ୍ଥ, ମୁନି, ଋଷି, ସନ୍ନ୍ୟାସୀମାନେ ଏହି ପର୍ଯ୍ୟାୟଭୁକ୍ତ । ଧର୍ମ, କର୍ମ, ଆଚରଣ, ଉଚ୍ଚାରଣ; ପ୍ରତିଟି କ୍ଷେତ୍ରରେ ସାଧୁଙ୍କର ଭରପୂର ପୁଣ୍ୟ, ପବିତ୍ରତା । ନମ୍ରତା ଏମାନଙ୍କର ଭୂଷଣ; ବିନୟଭାବ ନିର୍ଲୋଭ, ବିଷୟବାସନା ବୈରାଗୀ ସାଧୁସନ୍ଥମାନେ, ଜନ-ମନ-ମୋହନ କରିଦିଅନ୍ତି । ଏଣୁ ଏମାନେ ଯୁଗେ ଯୁଗେ ବନ୍ଦନୀୟ । ସମ୍ପ୍ରତି ସାଧୁ କହିଲେ ବାବାଜୀ, ବୈଷ୍ଣବଙ୍କୁ ବୁଝାଏ । ସମୟ କ୍ରମେ ସାଧୁ ସମାଜର ରୂପ ଭେକ ବଦଳି ଚାଲିଛି । ଏକଦା ସେମାନେ ନିକାଞ୍ଚନ, ଘଞ୍ଚ ବନାନୀ ଅବା ପାହାଡ଼ ତଳି ଅଞ୍ଚଳ, ଅବା ପ୍ରକୃତିର ସୁରମ୍ୟ ପରିବେଶ, ପର୍ଣ୍ଣ କୁଟୀର, ଝାଟିମାଟିର ଆଶ୍ରମ କରି ରହୁଥିଲେ । ଶିଷ୍ୟ, ଶିଷ୍ୟାମାନଙ୍କୁ ଶିକ୍ଷାଦାନ କରନ୍ତି, ନୈତିକତାର ମାର୍ଗଦର୍ଶାନ୍ତି । ପୁରାଣ ଯୁଗ, ରାଜାପୁଅମାନେ ଗୁରୁକୁଳ ଆଶ୍ରମରେ ଜୀବନ କାଟୁଥିଲେ । ସାଧୁ ସନ୍ନ୍ୟାସୀଙ୍କର ସାମାନ୍ୟତମ କଳଙ୍କଟିଏ ମଧ୍ୟ ନଥିଲା । ଏଭଳି ପୁଣ୍ୟାତ୍ମାଙ୍କ ମଧ୍ୟରେ ଜନକ, ବିଶ୍ୱାମିତ୍ରଙ୍କ ଭଳି ରାଜର୍ଷି, ବ୍ୟାସ, ବଶିଷ୍ଠ, ପରାଶର, ମନୁ, ଭୃଗୁ, ଶୁକଙ୍କ ପରି ବ୍ରହ୍ମର୍ଷି, ମହର୍ଷି, ଏମାନେ ଚିରବନ୍ଦନୀୟ । ଏପରିକି ଦେବଦେବୀମାନେ, କେବଳ ଦେବର୍ଷି ନାରଦ ନୁହଁନ୍ତି; ଅନ୍ୟ ଋଷିମାନଙ୍କୁ ଯଥୋଚିତ ସମ୍ମାନ, ଭକ୍ତି ନିବେଦନ କରନ୍ତି । ସର୍ବକାଳରେ ସାଧୁମାନଙ୍କୁ ମିଳିଛି ଶ୍ରେଷ୍ଠାସନ, ଏଥିରେ ଦ୍ୱିରୁକ୍ତି ନାହିଁ ।

ଭଗବତ୍ ପ୍ରୀତି, ଈଶ୍ୱର ବିଶ୍ୱାସ ତାହା ସାଧୁମାନଙ୍କୁ ସାଧନାରେ ସିଦ୍ଧିଦିଏ । ବିଭୁ-ରସ-ମକରନ୍ଦ ପାନରେ ସେମାନେ ମଜ୍ଜି ରହନ୍ତି । ଧ୍ୟାନ, ଧାରଣା, ଯୋଗ, ସମାଧି, ପରମାତ୍ମାଙ୍କ ନାମ ଭଜନ, କୀର୍ତ୍ତନ, ଜଣାଣରେ ଦିନ ବିତାନ୍ତି । ଏକୋନିଷ୍ଠ ତପୋସାଧନ ଦ୍ୱାରା ସେମାନଙ୍କର ଭଗବତ୍ ପ୍ରାପ୍ତି ଘଟେ । ଏଣିକି ସେମାନେ ଜ୍ଞାନସିଦ୍ଧ, ବଚନସିଦ୍ଧ । ହରୈନାମ, ହରୈ ନାମ କେବଳମ୍ – ଏଇ ପୁଞ୍ଜିରେ ସେମାନେ ମହାଧନୀ । ଏହାକୁ ବିନିଯୋଗ କରନ୍ତି ସଂସାର ଆଉ ଜଗତବାସୀଙ୍କ ହିତକଳ୍ପେ । ତାହା ହିଁ ସାଧୁଙ୍କର ମହାନୁଭବତା । ସଦାଚାର ହିଁ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ସନ୍ନ୍ୟାସୀଙ୍କ ପରି ଦାନବମାନେ ମଧ୍ୟ ତପସ୍ୟା କରନ୍ତି । ବ୍ରହ୍ମା ଶିବଙ୍କୁ କଠୋର ସାଧନାରେ ତୃପ୍ତ କରିଦିଅନ୍ତି; ଏଣିକି ବର ମାଗିବା ପ୍ରସଙ୍ଗ । କେଉଁ ଦାନବଟିଏ ବା କାମିନୀ କାଞ୍ଚନ, ସ୍ୱର୍ଗସୁଖ ପ୍ରୟାସରୁ ଦୂରରେ ରହିଛି ? ଫଳତଃ ଦେବବଳରେ ବଳିଆର ମହିଷା, ଭସ୍ମାସୁର, ହିରଣ୍ୟକଶ୍ୟପୁମାନେ, ସମସ୍ତେ ନିଶ୍ଚିହ୍ନ ହୋଇ ଯାଇଛନ୍ତି । ତପୋସିଦ୍ଧ ହୋଇଛନ୍ତି ସତ; ହୋଇ ପାରିନାହାନ୍ତି ସାଧୁଟିଏ । ଏଇତ ସନ୍ଥ ଆଉ ଦାନବଙ୍କ ମଧ୍ୟରେ ପାର୍ଥକ୍ୟ !

ସାଧୁ, ସନ୍ନ୍ୟାସୀଙ୍କର ଅଲୌକିକ ଗୁଣାବଳୀ । ଏ ପ୍ରସଙ୍ଗରେ ଭିନ୍ନଭିନ୍ନ ଉପମାମାନ ରହିଛି । ପଞ୍ଚସଖାର ଅନ୍ୟତମ ସାଧକ ସନ୍ଥ ଜଗନ୍ନାଥ ଦାସ, ଆପଣାର କାଳଜୟୀ କୃତି ଭାଗବତ, ଲେଖିଛନ୍ତି "ସାଧୁ ଯେ ମଳୟ ପବନ / କାଷ୍ଠକୁ କରଇ ଚନ୍ଦନ ।" ବସନ୍ତ ଋତୁରେ ମଳୟ ବହେ; ବନସ୍ତରେ ଥିବା ନିମ୍ବବୃକ୍ଷ ମଧ୍ୟରୁ କେତେକ ଚନ୍ଦନ ପାଲଟି ଯାଆନ୍ତି । ମଳୟର ଏଇ ଯାଦୁକାରୀ କିମିଆ । ଠିକ୍ ସେମିତି ସାଧୁସଙ୍ଗ ଲାଭକଲେ ଚାରିତ୍ରିକ ପରିବର୍ତ୍ତନ ଘଟେ । ମଣିଷପଣିଆର ବିକାଶ ଘଟେ । ଅନେକତ୍ର ଦିବ୍ୟଜ୍ଞାନ ପ୍ରାପ୍ତ ହୁଏ । ସୁନ୍ଦର ଉଦାହରଣଟିଏ । ପାଷଣ୍ଡ, ମୁର୍ଖ, ମଣିଷମରା ରତ୍ନାକର । ମୁନିଙ୍କ ପରାମର୍ଶ, ତାଙ୍କରି ଆଶୀର୍ବାଦରୁ ହେଲେ ଋଷି ବାଲ୍ମୀକି । ସୃଷ୍ଟି ହେଲା ମହାକାବ୍ୟ 'ରାମାୟଣ' । ସେ ବିଶ୍ୱବନ୍ଦନୀୟ; ଏହା ସମ୍ଭବ ହେଲା କେବଳ ସାଧୁସ୍ପର୍ଶରେ । ମାତ୍ର ବିଡ଼ମ୍ବନା ବିଷୟଟିଏ, ମଳୟର କୋମଳ ସ୍ପର୍ଶରେ ସବୁ ନିମ୍ବ ପାଲଟିଯାନ୍ତି ଚନ୍ଦନ । ଗ୍ରହଣ କରିବାର ସମର୍ଥ ପଣ ଉପରେ ଏହା ନିର୍ଭର କରେ; ସେମିତି ସବୁ ସାଧୁଙ୍କ ମେଳରେ ରହିଲେ ସତ୍ ଚିନ୍ତା ଉଦ୍ରେକ ହୁଏନି; ଶୁଦ୍ଧ ସାଧୁ ହିଁ କହିପାରିବେ ବିପଥଗାମୀଙ୍କୁ ସୁମାର୍ଗୀ । ଏଥିପାଇଁ ତ ପରିବେଶ, ସତସଙ୍ଗ, ସର୍ବୋପରି ମଣିଷ ହେବାର ମାନସିକତାଟି ଏକାନ୍ତ ଲୋଡ଼ା !

ଅଧୁନା ବଦଳି ଯାଇଛି ଚାଲିଚଳଣି, ଆଚାର ବିଚାର । ଘୋରକଳିର ରାଜତ୍ୱ । ସତ୍ୟ, ତ୍ରେତା, ଦ୍ୱାପର ଯୁଗରେ ସତ୍ୟର ମହିମା ପ୍ରକଟିତ । ଏହି ଯୁଗମାନଙ୍କରେ ସାଧୁସନ୍ଥଙ୍କ ମହିମାର ପଟ୍ଟାନ୍ତର ନାହିଁ । ଏହା ପୁରାଣ ପୋଥିର କଥା । କେହିକେହି ଯୁକ୍ତିବାଦୀ ଏହା ପଛରେ ଥିବା ବୈଜ୍ଞାନିକ ଚିନ୍ତନଟି ଖୋଜନ୍ତି; ମାତ୍ର ଲୋକବିଶ୍ୱାସ, କିମ୍ବଦନ୍ତୀ କହି ପ୍ରସଙ୍ଗଟିକୁ ଏଡ଼ାଇ ଦିଅନ୍ତି । ଏହା ସତ୍ତ୍ୱେ; ସମ୍ପ୍ରତି ମଠ, ମନ୍ଦିର, ଗୀର୍ଜା, ମସ୍‌ଜିଦ୍, ବୌଦ୍ଧ, ଜୈନପୀଠର ଅଭାବ ନାହିଁ । ବାବାଜୀ, ମାତାଜୀଙ୍କ ସଂଖ୍ୟା ଏବେ ସହସ୍ର ଗୁଣେ ଅଧିକ; ମାତ୍ର ସେମାନଙ୍କର କାର୍ଯ୍ୟାବଳୀ ଅନେକଙ୍କୁ ବିସ୍ମିତ କରୁଛି । କୁଟୀର ନୁହେଁ ସୁଦୃଶ୍ୟ ଅଟ୍ଟାଳିକାରେ ଏମାନଙ୍କର ନିବାସ; ବିଳାସ, ବ୍ୟସନ, ତୁଳିତଳ୍ପ ଶଯ୍ୟା; ଆହାର ବିହାର; ପ୍ରତିଟିରେ ରାଜସିକ, ତାମସିକ ମାନସିକତା । ଏମାନଙ୍କ ନିକଟରେ କୋଟିପତିମାନେ ଭିଡ଼ ଲଗାନ୍ତି; ଦାନଦିଅନ୍ତି; ଅର୍ଥରାଶି ମଧ୍ୟ ଆକଳନ ବାହାରେ । ବିଚରା ସାଧାରଣ ନିଦରବଟିଏ, ଡବଡବ ଆଖିରେ ଚାହିଁ ରହିଥାଏ; କେବେ କେମିତି ନିରୀହା, ପୂର୍ଣ୍ଣ ଯୌବନାଟିଏ ମଠ ମହନ୍ତଙ୍କ ଆଶୀର୍ବାଦ ପାଇଁ ଦଉଡ଼ିଯାଏ; ଫେରେ ଦେହ, ମନ ଦରଜ ନେଇ । ଧର୍ମନାମରେ ଚାଲିଛି ଶୋଷଣ, ଶହେଟା ନାରୀର ଦେହ ଭୋଗକରି କିଏ ସନାତନୀ ବୋଲାଇଲାଣି । କିଏ କାଳିସୀ ଆଉ କିଏ ମଶାଣି ପୂଜା, ଝଡ଼ାଫୁଙ୍କା କରେ । ଗାଞ୍ଜିଆ ଉର୍ତ୍ତ ଟଙ୍କା । କିଏ କହୁଛି ମତେ ଫୁଲ ଦେ, ଚନ୍ଦନ ଦେ, ଝୁଣା ଦେ, ବଳି ଦେ – ଚାଲିଛି ଏମିତି ଭ୍ରଷ୍ଟାଚାର । ଏହା ସାଧୁଟିର ଲକ୍ଷଣ ନା କୁଲକ୍ଷଣ ? ଉଣା ଅଧିକେ ଏକଥା ସଭିଙ୍କୁ ଜଣା । ତଥାପି ବି ରାତାରାତି ମନ୍ଦିର ତୋଳା ହେଉଛି; ଗୈରିକ ବସନ ପରିହିତ ବାବାମାନେ ବିଜେ କରୁଛନ୍ତି । ଧର୍ମ ନାମରେ ଅଧର୍ମ । କାର୍ଲମାର୍କ୍ସ ପରା କହିଥିଲେ, ଧର୍ମ ଏକ ଅଫିମ ନିଶା, ଅହିଫେନ ଶୋଷଣର ମାଧ୍ୟମ !

'ସାଧୁ' ଶବ୍ଦଟି ପବିତ୍ରତାର ମହୋଦଧି; ମାତ୍ର ଏବେ କଳୁଷିତ । ଘୋର କଳି । ଝୋଲା ମୁଣିଧାରୀ ବାବାଙ୍କର ମନ୍ଦ ଆଚରଣ । ଏହିକଥାକୁ ବହୁ ସାଧୁସନ୍ଥ, ସାହିତ୍ୟିକ, ସମାଜ ସଂସ୍କାରକ ସ୍ୱୀକାର କରିଛନ୍ତି । ତନ୍ମଧ୍ୟରେ ସନ୍ଥ ତୁଳସୀ ଦାସ ଅନ୍ୟତମ । ତାଙ୍କର ଅମଳିନ କୃତି 'ରାମଚରିତ ମାନସ' । ଏଥିରେ କଳି ପ୍ରତାପ ତଥା ଛଦ୍ମବେଶୀ ସାଧୁଙ୍କ ପ୍ରସଙ୍ଗରେ ଉଲ୍ଲେଖ ରହିଛି । କପଟ, ଜିଦ୍‌ଖୋର ସ୍ୱଭାବ, ଦମ୍ଭ, ଦ୍ୱେଷ, ପାଷଣ୍ଡପଣ, ଅହଙ୍କାର, କାମ କ୍ରୋଧ, ଲୋଭ, ମଦ– ସାରା ବ୍ରହ୍ମାଣ୍ଡରେ ବ୍ୟାପିଗଲାଣି । ଏହି କଥାକୁ ଚମତ୍କାର ଭାବେ କାକଭୁଶୁଣ୍ଡି କହିଛନ୍ତି ଗରୁଡ଼ଙ୍କୁ, "ତାମସ ଧର୍ମ କର ହିଁ ନର ଜପ ତପବ୍ରତ ମଖଦାନ / ଦେଓ୍ୱ ନ ବରଷ ହିଁ ଧରନୀଁ ବଏ ନ ଜାମହିଁ ଧାମ ।" ଅଧର୍ମ ଭାର ବଢ଼ିଲା, ଜପ, ତପ, ଯଜ୍ଞ, ବ୍ରତ, ଧର୍ମାଦି କର୍ମ ତାମସ ଭାବରେ କରାଯାଇଛି । ଇନ୍ଦ୍ର ରାଜା ରୁଷ୍ଟ, ବର୍ଷା ଠିକ୍ ସମୟରେ ହେଉନି, ବୀଜ ବା ଅଙ୍କୁରିତ ହେବ କିପରି ? ସର୍ବତ୍ର ବିଭ୍ରାନ୍ତି । ଏହାର ସୁଯୋଗ ନିଅନ୍ତି ଆଜି କାଲିର ବାବାମାନେ । ଆପଣାର ପସନ୍ଦ ମୁତାବକ ବାଟ କଥା କୁହନ୍ତି, ହେଉପଛେ ତାହା ଅବାଟ । ଗାଲୁମାରି, ମିଥ୍ୟାଚାର ପ୍ରଦର୍ଶନ କରି ଜଗତକୁ ପଥଭ୍ରଷ୍ଟ କରନ୍ତି । ଏମାନେ ହେଲେ, "ନିରାଚାର ଜୋ ଶ୍ରୁତି ପଥ ତ୍ୟାଗୀ/ କଲିଯୁଗ ସୋଇ ଯୋଗୀ ସୋ ବିରାଗୀ / ଜାକେଁ ନଖ ଅରୁ ଜଟା ବିସାଲ / ସୋଇ ତପ ପ୍ରସିଦ୍ଧ କଲିକାଲ ।" ଭ୍ରଷ୍ଟାଚାରୀ, ବେଦ ମାର୍ଗ ତ୍ୟାଗୀମାନେ କଳିଯୁଗରେ ତ୍ୟାଗୀ, ବୈରାଗ୍ୟବାନ୍ । ଲମ୍ବଦାଢ଼ି ଜଟା, ବଡ଼ବଡ଼ ନଖଧାରୀ ଅଧୁନା ପ୍ରସିଦ୍ଧ ତପସ୍ୱୀ । ଏବେ ଏହାର ଅନେକ ନଜିର ଦେଖିବାକୁ ମିଳେ । ଦକ୍ଷିଣୀ ବାବା ନିତ୍ୟାନନ୍ଦଙ୍କ ଜନୈକା ସୌମ୍ୟା ଚଳଚ୍ଚିତ୍ର ନାୟିକାଙ୍କ ସହ ହାସ-ରସ-କେଳି-କ୍ରୀଡ଼ା, ନାମୀ ଦାମୀ ସ୍ୱାମିଜୀଙ୍କର ନାବାଳିକା ଧର୍ଷଣ; ଏତ ବିରାଟ ପରିସରର କଥା; ଏବେ ଗାଁ ଗହଳିରେ ଅକାଳ ବାବାଜୀଏ ସକାଳେ ଦେଖା ଦିଅନ୍ତି । ଗଭୀର ରାତ୍ରିରେ କାରନାମା ଦେଖାଇ ଚମ୍ପଟ ଛୁ; କାହାର ଗହଣା ତ, ଆଉ କାହାର ମାନ ମହତ; ସବୁ ଶେଷ । ଏ ଭଳି ଦୃଷ୍ଟାନ୍ତ ଗଣମାଧ୍ୟମର ପୃଷ୍ଠାମଣ୍ଡନ କରୁଛି । ତଥାପି କି ବାବାଙ୍କ ସମାଜରେ ଆଦର ଯତ୍ନରେ ଉଣା ପଡ଼ିଛି, ନା ପଡ଼ିବ ?

ଭଣ୍ଡ ଧର୍ମଧ୍ୱଜୀମାନେ ସମାଜର କଳଙ୍କ, ଗଳଗ୍ରହ, ବିଷବୃକ୍ଷ ତୁଲ୍ୟ । ଏମାନଙ୍କର ମୂଳୋତ୍ପାଟନ ଏକାନ୍ତ ଜରୁରୀ । ଏଣୁ ସମାଜ ସଂସ୍କାରକ-ସାହିତ୍ୟିକମାନେ ସେମାନଙ୍କ ମୁଖା ଖୋଲି ଦେଇଛନ୍ତି ସ୍ୱ ସ୍ୱ କୃତିରେ । କପଟୀ ବାବାଜୀଙ୍କର ଦୁଷ୍ଟଚରିତ୍ରକୁ ନେଇ ଜଗନ ମୋହନ ଲାଲାଙ୍କ 'ବାବାଜୀ' ଏକ ଲୋକପ୍ରିୟ ନାଟକ । କଥା ସମ୍ରାଟ ଫକୀର ମୋହନ ସେନାପତି, ଟାଉଟର ବାବାଙ୍କ ମୁଖା ଖୋଲି ଦେଇଛନ୍ତି ତାଙ୍କ କାଳଜୟୀ କୃତି 'ଛ' ମାଣ ଆଠ ଗୁଣ୍ଠ'ରେ । ଜମିଦାର ରାମଚନ୍ଦ୍ର ମଙ୍ଗରାଜଙ୍କ ଉଆସ ଚାକରାଣୀ ମରୁଆ, ବାବାଜୀ ଲଳିତା ଦାସଙ୍କ ସେବା କରୁକରୁ ତାଙ୍କ ସହ ଗୁପ୍ତପ୍ରଣୟ, ପରେ ଉଆସରୁ ଉଭାନ ହୋଇଯିବା- ଏହା ଏକ ଲଜ୍ଜାଜନକ ଘଟଣା; ଠିକ୍ ସେମିତି ତାଙ୍କ ଗଞ୍ଜ ଧୂଳିଆ ବାବାରେ ବାବାଙ୍କ ଧୁନି ଥାପନା, ହୁକୁମ ଜାରି କରିବା, ଶେଷରେ ଧୁନିରେ ପୋଡ଼ିଯିବା ଉପାଖ୍ୟାନ । ବାବାମାନଙ୍କର କଳଙ୍କିତ ବେଉସାର ନଗ୍ନଚିତ୍ର ଉନ୍ମୋଚନ କରିଦିଏ । ସବୁଠୁଁ ବିପଦଜନକ କଥା ହେଲା ବାବାଙ୍କ ନିଶା ସେବନ; ମଦ, ଗାଞ୍ଜା, ଅଫିମ, ଭାଙ୍ଗ-ଏମିତି ଚାରି ନିଶା । ନିଶାସକ୍ତମାନଙ୍କର କ୍ରିୟାକଳାପ ସମସ୍ତଙ୍କୁ ଜଣା । ଏମିତି ସାଧୁତ ଯୁଗେଯୁଗେ ଘୃଣ୍ୟ । ଅନୁରୂପ ଭାବେ କାଳଜୟୀ ଔପନ୍ୟାସିକ ନିତ୍ୟାନନ୍ଦ ମହାପାତ୍ର, ତାଙ୍କ ଯୁଗ୍ମ ଉପନ୍ୟାସ 'ହିଡ଼ମାଟି-ଭଙ୍ଗାହାଡ଼' । ଏଥିରେ ବାବାଙ୍କ ଆଗତ ଭବିଷ୍ୟ କହିବା, ହୁକୁମ ଦେବା ଭଳି ଭଣ୍ଡାମି, ତାହା ପାଠକ ସମ୍ମୁଖରେ ବାଢ଼ିଦେଇଛନ୍ତି । ଉପନ୍ୟାସର ନାରୀ ଚରିତ୍ର ରତନୀ; ଯାଉଛି ସାଧୁବାବାଙ୍କ ପାଖକୁ ସ୍ୱାମୀ ଆଗମନ କଥା ଜାଣିବାକୁ । ଅଧରାତି, ଘନ ଅନ୍ଧାର, ଗୁମ୍ଫା ଭିତରେ କାହିଁ କେଉଁଠି ନଥିଲେ ଠାକୁର । ସେ ଆଉ ଜଣେ ଚେଲା । ଧର୍ଷିତା ରତନୀ ଫେରିଛି । ବିଦ୍ରୋହ କରିଛି, ଏ ମଠ, ମହନ୍ତ, ଠାକୁର, ଧରମ ସବୁମିଛ, ସବୁ ପ୍ରହସନ, ଏ ଧରମ ଥାଇ କେତେ ନଥାଇ କେତେ ? ଏମିତି ଅନେକ ରତନୀ, ସେମାନଙ୍କ ବୁକୁଫଟା ଚିତ୍କାର କ'ଣ ବଦଳେଇ ଦେଇପାରିବ ଆଜିର ଧର୍ମୀୟ ବ୍ୟବସ୍ଥାକୁ ? ନକଲି ବାବାଙ୍କ ଅୟସ୍ ପାଇଁ ରାତାରାତି ନଭଶ୍ଚୁମ୍ବି ଅଟ୍ଟାଳିକା ଠିଆ ହୋଇଯାଏ; ଟଙ୍କାର ଅଭାବ ନାହିଁ, ହେଲେ ରାସ୍ତାକଡ଼ର ନିରାଶ୍ରୟ, ନିରାଶ୍ରୟା । ଅର୍ଥ ସାହାଯ୍ୟ ନହେଲା ନାହିଁ, ପଦୁଟିଏ ଦରଦମିଶା ସହାନୁଭୂତି ଜଣାନ୍ତି ଖୁବ୍ କମ୍ ମଣିଷ । ସତେ ଯେମିତି ବିଲୁପ୍ତି ଆଡ଼େ କ୍ରମ ଧାବମାନ ମାନବଧର୍ମ, 'ମାନବ ସେବା ମାଧବ ସେବା'- ଏବେ ପୋଥିର କଥା ଯାହା !

ସମ୍ପ୍ରତି ଚିନ୍ତନର ବେଳକାଳ ସମୁପଗତ । ନକଲି ସାଧୁଙ୍କ ଧର୍ମାଚାର ଉଦାହରଣ ସାପେକ୍ଷ ହୋଇ ନପାରେ । ମହାନ ସାଧୁ ସନ୍ଥଙ୍କ ପାଦସ୍ପର୍ଶରେ ଏ ମାଟି ପୂତ ପବିତ୍ର । ସେଇମାନଙ୍କ ପଦରଜରୁ କାଣିଚାଏ, ଆଶିଷର ବାରିଧାରା ବରଷିଯାଏ । ଏବେବି ମହାନ ସାଧୁମାନେ ଆପଣାକୁ ଗୋପନରେ ରଖିଛନ୍ତି । ତପୋସାଧନାରେ ସେମାନେ ନିମଜ୍ଜିତ, ହିମାଳୟର ପାଦ ଦେଶ ଅବା ଆଉ କେଉଁ ନିକାଞ୍ଚନରେ । ତାଙ୍କରି କରୁଣା, ଆଶିଷ ଜଗତକୁ କରିପାରିବ ମଧୁମୟ, ମଙ୍ଗଳମୟ । ସେମାନେ କେବଳ ଦେଖାଇ ପାରିବେ ମୁକ୍ତି ରାସ୍ତାଟି, ଯାହା ପ୍ରଲମ୍ବିତ ନର୍କରୁ ନିର୍ମାଲ୍ୟ ଯାଏ । ଏଥିପାଇଁ ସତ୍ ସାଧୁସଙ୍ଗ ଏକାନ୍ତ କାମ୍ୟ । ପାପକରି ଗଙ୍ଗା ସ୍ନାନକଲେ ପାପ ଧୋଇଯାଏନି; ଅମଣିଷ ପାଲଟି ଧର୍ମାନୁଷ୍ଠାନଟିଏ ଗଢ଼ିଦେଲେ କେହି ପୁଣ୍ୟବାନ ହୋଇଯାଏନି । କେବଳ ସାଧୁ ସଙ୍ଗ ହିଁ ଲୋଡ଼ା । ଏଣୁ ଶ୍ରୀକୃଷ୍ଣ ଭକ୍ତ ଉଦ୍ଧବଙ୍କୁ କହିଲେ, "ସାଧୁଙ୍କ ସଙ୍ଗ କର ନିତି / ପାଇବୁ ନିର୍ମଳ ମୁକତି ।"

ସତ୍‌ସଙ୍ଗରୁ ଜ୍ଞାନ ଉଦୟ ହୁଏ; ସାଧୁତା ଶିକ୍ଷା କରାଯାଏ; ମଣିଷ ପଣିଆ ଉଦ୍ରେକ ହୁଏ; ତାହା ହିଁ ସଜାଡ଼ି ପାରିବ ବିଗିଡ଼ା ଧର୍ମଧାରାକୁ !

# ମହାନାୟିକାଙ୍କ ମହାପ୍ରୟାଣ



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

୨୦୦୬ ମସିହା ଅଗଷ୍ଟ ୦୪ ତାରିଖ । ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ମାଟିପିଣ୍ଡରୁ ପ୍ରାଣପକ୍ଷୀ ଉଡିଗଲା । ଏହି ଖବର ତଡିତ୍ ବେଗରେ ସାରା ଦେଶରେ ପ୍ରଚାର ହୋଇଗଲା । ପରେ ତାଙ୍କ ଶେଷ ଦର୍ଶନ ପାଇଁ ଗରାବନ୍ଧୁ ଶ୍ମଶାନରେ ଲାଗିରହିଥିଲା ପ୍ରବଳ ଭିଡ । ଦୁବ, ବରକୋଳି ପତ୍ର ଓ ହଜାର ହଜାର ନନ୍ଦିନୀ ପାଗଳ ମଣିଷଙ୍କ ଲୁହ ଏବଂ କୋହ ସମୁଦାୟ ଶ୍ମଶାନକୁ କାରୁଣ୍ୟମୟ କରିଦେଇଥିଲା । ହେଲେ କିଛି ଶୁଣୁନଥିଲେ ମାଟିର ନନ୍ଦିନୀ – ନନ୍ଦିନୀ ଶତପଥୀ, ସେ ଶୋଇଯାଇଥିଲେ ମହାନିଦ୍ରାରେ । ସାଧାରଣ ଜନତାର "ନନ୍ଦିନୀ ଦେବୀ ଅମର ରହେ" ଧ୍ୱନିରେ ଓଡିଶାର ଗଗନ ପବନ ପ୍ରକମ୍ପିତ ହୋଇଥିଲା । ପିତା ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ରତ୍ନମଣି ଦେବୀଙ୍କର ଆଦରର କନ୍ୟା ଧରାପୃଷ୍ଠରେ ୭୫ବର୍ଷ ଲୀଳାଖେଳା ସାରି ମୃତ୍ୟୁପରେ ଅମର ହୋଇ ରହିଗଲେ । ଯଥାର୍ଥରେ କୀର୍ତ୍ତି ଓ ଯଶ ଥିବା ବ୍ୟକ୍ତି ହିଁ ମରଣଜୟୀ ହୋଇଥାନ୍ତି । ସେଥିପାଇଁ ତତ୍‌କାଳୀନ ପ୍ରଧାନ ମନ୍ତ୍ରୀ ଡକ୍ଟର ମନମୋହନ ସିଂହ ତାଙ୍କ ଶୋକବାର୍ତ୍ତାରେ ଲେଖିଥିଲେ – "ଆମ ସାଧାରଣ ଜୀବନର ଜଣେ ଲୋକପ୍ରିୟ ଏକ ପ୍ରମୁଖ ନେତ୍ରୀ ଭାବରେ ସ୍ୱର୍ଗୀୟା ନନ୍ଦିନୀ ଶତପଥୀ ତାଙ୍କ ଜୀବନକୁ ଦେଶ ସେବାରେ ଉତ୍ସର୍ଗ କରିଥିଲେ ।" ସେହିପରି ବିଶିଷ୍ଟ ସ୍ତମ୍ଭକାର ୰ବରେନ୍ଦ୍ର କୃଷ୍ଣ ଧଳ କହିଥିଲେ – "ନନ୍ଦିନୀ ଦେବୀ ଚାଲିଗଲେ । ଗୋଟିଏ ଯୁଗର ଅବସାନ ହେଲା…" ।

ବାଲ୍ୟକାଳରୁ ଉଭୟ ପିତା କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ କକା ଭଗବତୀ ଚରଣ ପାଣିଗ୍ରାହୀଙ୍କ ଆଦର୍ଶର ପ୍ରଭାବ ପଡିଥିଲା ନନ୍ଦିନୀଙ୍କ ଉପରେ । କକାଙ୍କ ସାମ୍ୟବାଦୀ ଚିନ୍ତାଧାରାର ସଂସ୍ପର୍ଶରେ ସେ ଛୋଟବେଳୁ ଅନ୍ୟାୟ ଓ ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଥିଲେ ପ୍ରତିଜ୍ଞାବଦ୍ଧ । ପାଠ ପଢୁଥିଲେ, ଏଣେ ଦେଶକଥା ଭାବୁଥିଲେ । ଲଢିବା ପ୍ରବୃତ୍ତି ଥିଲା ତାଙ୍କ ରକ୍ତରେ । ବ୍ରିଟିଶ ଶାସନ ବିରୋଧରେ ହେଉ କି ଅନ୍ୟାୟ ବିରୋଧରେ, ବନ୍ୟା, ବାତ୍ୟା, ମରୁଡି ହେଉକି ଛାତ୍ରମାନଙ୍କ ହକ୍ ପାଇଁ- ସବୁଠି ଶୁଭୁଥିଲା ତାଙ୍କ ସ୍ୱର । ଯେଉଁଥିପାଇଁ ତାଙ୍କ ସମସାମୟିକ ଛାତ୍ରୀଛାତ୍ରମାନେ କହୁଥିଲେ – 'ଦୁର୍ଗା ଆସିଗଲେ' । ସେହିପରି ପିତାଙ୍କ ସୃଜନଶୀଳତା ତାଙ୍କୁ ସାରସ୍ୱତ ସାଧିକା ହେବାପାଇଁ ବେଶ ପ୍ରେରଣା ଦେଇଥିଲା । ସାହିତ୍ୟ ଓ ରାଜନୀତିର ଅପୂର୍ବ ସମନ୍ୱୟ ତାଙ୍କ ଜୀବନରେ ଘଟିଥିଲା । ୧୯୪୨ ମସିହାର କଥା । ଭାରତ ଛାଡ ଆନ୍ଦୋଳନ ଜୋର ଧରିଥାଏ । ନନ୍ଦିନୀ ଦେବୀ ସେତେବେଳେ କଟକ ପ୍ରାକ୍ଟିସିଂ ମିଡିଲ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଥାନ୍ତି । ଏହି ଆନ୍ଦୋଳନକୁ ସମର୍ଥନ କରି କଟକରେ ଏକ ଶୋଭାଯାତ୍ରା ବାହାରିଥିଲା । ଯେମିତି ଇନ୍‌କିଲାବ୍-ଜିନ୍ଦାବାଦ୍ ସ୍ଲୋଗାନ କାନରେ ପଡିଛି ନନ୍ଦିନୀ ଶ୍ରେଣୀ ଗୃହରୁ ବାହାରି ପାଚେରୀ ଡେଇଁ ଶୋଭାଯାତ୍ରାରେ ସାମିଲ ହୋଇଗଲେ । ସ୍କୁଲର ପ୍ରଧାନ ଶିକ୍ଷକ ରହମତ୍ ଅଲ୍ଲୀ ଏ କଥା ଜାଣିଲା ପରେ ତାଙ୍କ ପାଟିରୁ ଆପେ ବାହାରି ପଡିଲା – "ଦିନେ ଏ ପିଲା ବାପ-ମା' ଙ୍କ ନାଁ ରଖିବ ।

ନନ୍ଦିନୀ ଦେବୀ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ତଥା ସାଲିସ ବିହୀନ ନେତ୍ରୀ ଭାବେ ଯେତିକି ପରିଚିତା, ଜଣେ ସମାଜସେବୀ ଓ ସଂସ୍କାରିକା ଭାବେ ସେତିକି ବିଦିତା । ୧୯୬୨ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରିଦଶନ୍ଧି ଧରି ସେ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୬୨ ମସିହାରେ ପ୍ରଥମେ ରାଜ୍ୟସଭାରେ ପାଦଦେଇ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ୧୯୬୬ ରୁ ୧୯୬୮ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ଭାବେ ସୂଚାରୁରୂପେ ନିଜ ଦାୟିତ୍ୱ ସମ୍ପାଦନ କରିଥିଲେ । ସେ ନିର୍ବାଚନରେ ପରାଜୟ କେବେ ବରଣ କରିନାହାନ୍ତି । ୧୯୭୨, ୧୯୭୪, ୧୯୭୭, ୧୯୮୦, ୧୯୮୫, ୧୯୯୦ ଓ ୧୯୯୫ରେ ଓଡିଶା ବିଧାନସଭାକୁ ସାତ ଥର ନିର୍ବାଚିତ ହୋଇଥିଲେ । ଜିଣିବାଟା ଯେମିତି ଥିଲା ତାଙ୍କର ଜନ୍ମଗତ ଅଧିକାର । ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା । ୧୯୭୨ ମସିହାରେ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହିତ ୧୯୭୩ ମସିହା ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୪ ରୁ ୧୯୭୬ ପର୍ଯ୍ୟନ୍ତ ସେ ଦ୍ୱିତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ଓଡିଶା ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏଥିସହିତ ୧୯୮୯ ଓ ୧୯୯୫ ମସିହାରେ ରାଜ୍ୟ ଯୋଜନା ବୋର୍ଡର ଅଧକ୍ଷା ଭାବେ କାର୍ଯ୍ୟକରି ନିଜର ପାରଦର୍ଶିତାର ପ୍ରମାଣ ଦେଇଥିଲେ । ଜନ୍ମରେ ନାରୀ ହେଲେବି ତାଙ୍କଠି ଅତୁଳନୀୟ ପୁରୁଷାକାର ଥିଲା । ନିଜର ପ୍ରତିଭା ଓ ପରାକାଷ୍ଠା ଯୋଗୁଁ ସେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ଖୁବ୍ ନିକଟବର୍ତ୍ତୀ ହୋଇପାରିଥିଲେ ।

ମୁଖ୍ୟମନ୍ତ୍ରୀ ଭାବେ ନନ୍ଦିନୀ ଶତପଥୀଙ୍କ କାର୍ଯ୍ୟକାଳକୁ ଏବେବି ଲୋକମାନେ ଶ୍ରଦ୍ଧା ଓ ସମ୍ମାନର ସହ ମନେ ରଖିଛନ୍ତି । ଓଡିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କ ଶାସନର ମୂଳ ଲକ୍ଷ୍ୟ ଥିଲା । ସେ ବୁଝିଥିଲେ ଶିଳ୍ପ, କୃଷି, ଜଳସେଚନ ଓ ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ନ ଆସିଲେ ଓଡିଶାର ଆଖିଦୃଶିଆ ପ୍ରଗତି ହୋଇପାରିବ ନାହିଁ । ରାଜ୍ୟର ସମୃଦ୍ଧି ନିମନ୍ତେ ଶିଳ୍ପ ପ୍ରତିଷ୍ଠା ଦିଗରେ ସେ ଲାଗି ପଡିଥିଲେ । ତାଳଚେରର ସାର କାରଖାନା, ସୁକିନ୍ଦା ଠାରେ ନିକେଲ କାରଖାନା ଓ ଗୋପାଳପୁରର ରେୟାର ଆର୍ଥ କମ୍ପ୍ଲେକ୍ସ ତାଙ୍କ ସମୟରେ ଆରମ୍ଭ ହେବା ସହ ରାଉରକେଲା ଇସ୍ପାତ କାରଖାନାର ସଂପ୍ରସାରଣ ତାଙ୍କ ସମୟରେ ହୋଇଥିଲା । କୃଷି ପାଇଁ ଜଳସେଚନର ଆବଶ୍ୟକତା ଥିବାରୁ ସେ ଅପର କୋଲାବ ଜଳ ପ୍ରକଳ୍ପ ଓ ରେଙ୍ଗାଲି ପ୍ରକଳ୍ପ ପରି କ୍ଷୁଦ୍ର ତଥା ମଧ୍ୟମ ଧରଣ ଜଳ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ସେହିପରି ଦୀନହୀନ, ଖଟିଖିଆ ଭୂମିହୀନ ଓ ନାମମାତ୍ର ଚାଷୀଙ୍କ ଦୁଃସ୍ଥିତିକୁ ସୁଧାରିବା ପାଇଁ ସେ ଆରମ୍ଭ କରିଥିଲେ ଐତିହାସିକ ଭୂସଂସ୍କାର ଆଇନ୍ । ଏଥିସହିତ କର୍ମଚାରୀ ମାନଙ୍କଠାରୁ କାମ ଆଦାୟ କରିବାପାଇଁ ସେ ସରେଣ୍ଡର ଲିଭ୍, ଅବସରକାଳୀନ ଭତ୍ତା ଓ ରିହାବିଲିଟେସନ୍ ସ୍କିମ୍‌ରେ ଚାକିର ପ୍ରଦାନ ଆଦି କଲ୍ୟାଣକାରୀ ପଦେକ୍ଷପମାନ ନେଇଥିଲେ । ଶିକ୍ଷକ ମାନଙ୍କ ସମସ୍ୟା ପ୍ରତି ନନ୍ଦିନୀ ଦେବୀ ବିଶେଶ ଗୁରୁତ୍ୱ ଦେଇଥିଲେ । ଏହାକୁ ଆଖିଆଗରେ ରଖି ସେ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ପରିଚାଳନା କମିଟିର ପ୍ରତ୍ୟକ୍ଷ ନିୟନ୍ତ୍ରଣରୁ ମୁକ୍ତ କରି ୧୯୭୪ ମସିହାରେ ପ୍ରଚଳନ କରିଥିଲେ ଯୁଗାନ୍ତକାରୀ ଓ ବହୁଚର୍ଚ୍ଚିତ ପ୍ରତ୍ୟକ୍ଷ ଅନୁଦାନ ଆଇନ୍ । ଏଥିପାଇଁ ଶିକ୍ଷକ ସମାଜ ତାଙ୍କ ପାଖରେ ସବୁଦିନ ଋଣୀ ହୋଇରହିବେ ।

ରାଜନୀତି ଭିତରେ ଥାଇ ବି ସାହିତ୍ୟ ସାଧନାରୁ ବିରତ ହୋଇନଥିଲେ ନନ୍ଦିନୀ ଶତପଥୀ । ଓଡିଆ ସାହିତ୍ୟର ବିସ୍ତୀର୍ଣ୍ଣ ଇଲାକାରେ ସେ ସ୍ୱକୀୟ ଛାପ ଛାଡିଯାଇଛନ୍ତି । ତାଙ୍କ ଲେଖିବାର ଢ଼ଙ୍ଗ ମଧ୍ୟ ନିଆରା ଥିଲା । ବିଶେଷକରି ଅନୁବାଦ କ୍ଷେତ୍ରରେ ତାଙ୍କର ବିଚକ୍ଷଣତା ବେଶ୍ ବାରି ହୋଇପଡୁଥିଲା । ତାଙ୍କ ସୃଜନଶୀଳତାର ଚଉହଦୀ "ଅନାଥ'' ଠାରୁ ଆରମ୍ଭ କରି "ଉତ୍ତର ପୁରୁଷ'' ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଏଥିସହିତ ତସ୍‌ଲିମା ନସରିନ୍‌ଙ୍କ ବଙ୍ଗଳା ପୁସ୍ତକ "ଲଜ୍ଜା'' ଓ ଅମୃତା ପ୍ରିତମ୍‌ଙ୍କ "ରେଭେନ୍ୟୁ ଟିକେଟ୍"କୁ ଓଡିଆରେ ଅନୁବାଦ କରି ସେ ଅନେକ ପ୍ରଶଂସାର ଅଧିକାରିଣୀ ହୋଇପାରିଥିଲେ । ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ କୃତିତ୍ୱ ପାଇଁ ନନ୍ଦିନୀ ଶତପଥୀଙ୍କୁ ମିଳିଥିଲା 'ଓଡିଶା ସାହିତ୍ୟ ଏକାଡେମୀ', 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଓ 'ସାହିତ୍ୟ ଭାରତୀ ସମ୍ମାନ' । ଏତଦ୍ ବ୍ୟତିତ ଗଣତନ୍ତ୍ରର ସେ ଥିଲେ ଜାଗ୍ରତ ପ୍ରହରୀ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ଦୈନିକ ସମ୍ବାଦ ପତ୍ର "ଧରିତ୍ରୀ'' ଯାହା ଆଜି ସମ୍ବାଦପତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଉତ୍କଳ ଜନନୀର ଏହି ଯଶସ୍ୱୀ କନ୍ୟା ନନ୍ଦିନୀ ଦେବୀଙ୍କର ପୁଣ୍ୟ ତିରୋଧାନ ଦିବସରେ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛି ।

# ମହିଳା ଅସୁରକ୍ଷିତ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ–୩, ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ଗୋପାଳପୁର ବେଳାଭୂମୀରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମର ମାସେ ନପୁରୁଣୁ ଏବଂ ବହୁଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ ସ୍ୱୟଂଚାଳିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ଯୌନ ନିର୍ଯାତନାର ଶିକାର ହୋଇ ବିଏଡ, ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ଆତ୍ମାହୁତି ଘଟଣାକୁ ସପ୍ତାହେ ପୁରିନଥିବାବେଳେ ପୁରୀ ଜିଲ୍ଲାର ବଲଙ୍ଗାରେ ଜଣେ ନାବାଳିକା ଛାତ୍ରୀ ଉପରେ ଦୁର୍ବୃତ୍ତମାନେ କିରୋସିନ୍ ଢାଳି ଜାଳି ଦେବା ଘଟଣା ରାଜ୍ୟରେ ମହିଳା କେବଳ ଅସୁରକ୍ଷିତ ହୋଇପଡ଼ିଥିବା ସଂକେତ ପ୍ରଦାନ କରିନାହିଁ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବା ନେଇ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କୁହାଯାଇପାରିବ । ବଲଙ୍ଗା ପିଡିତା ଜଣକ ଏବେ ଦିଲ୍ଲୀ ଏମସ୍‌ରେ ମୃତ୍ୟୁ ସହ ସଂଗ୍ରାମ କରୁଥିବାବେଳେ ଘଟଣାକୁ ଅନେକ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଦୁର୍ବୃତ୍ତମାନଙ୍କୁ ଠାବ କରିବାରେ ସମର୍ଥ ହୋଇନାହିଁ । ଯାହାକି ପୋଲିସର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉଲ୍ଲେଖଯୋଗ୍ୟ ଯେ, ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ରାଜ୍ୟ ସରକାରଙ୍କ ତ୍ୱରିତ ପଦକ୍ଷେପ ପରେ ଏବେ ଛାତ୍ରୀ ଏବଂ ମହିଳାଙ୍କୁ ଯୌନ ନିର୍ଯାତନା ତାଲିକା ବଢିବାରେ ଲାଗିଛି । ଯାହାକୁ କି ସରକାରଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନର ପ୍ରଭାବ ବୋଲି କୁହାଯାଇପାରେ । ଯୌନ ନିର୍ଯାତନାକାରୀଙ୍କ ଧମକରେ ମୁହଁ ନଖୋଲି ନୀରବରେ ଥିବା ଛାତ୍ରୀମାନେ ମୁହଁ ଖୋଲିବାରେ ଲାଗିଛନ୍ତି । ଏହି ଘଟଣା କ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀ ଯେ କି ଜଣେ ଅଧ୍ୟାପକଙ୍କ ଦ୍ୱାରା ବାରମ୍ବାର ଦୁଷ୍କର୍ମର ଶିକାର ହୋଇଥିଲେ, ତାଙ୍କ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ଅଧ୍ୟାପକଙ୍କୁ ଗିରଫ କରି ଜେଲ ପଠାଇ ଦେଇଛି । ଦୁଇ ମାସ ତଳେ ଜଣେ ଛାତ୍ରୀଙ୍କୁ ମୃଦୁ ପାନୀୟରେ ନିଶା ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗରେ ନିକଟରେ ଛାତ୍ର କଂଗ୍ରେସ ସଭାପତିଙ୍କୁ ପୋଲିସ ଗିରଫ କରିଛି । ସେହିପରି ଜଣେ ଯୁବତୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ଅନୁଗୁଳ ଜିଲ୍ଲା ବିଜେପି ସଭାପତିଙ୍କୁ ଗିରଫ କରି ଜେଲକୁ ପଠାଇ ଦେଇଛି । କେବଳ ଏତକି ନୁହେଁ ବାଲେଶ୍ୱରର ଏକ ଉଚ୍ଚ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ସ୍କୁଲର ଗଣିତ ଓ ଇଂରାଜୀ ଶିକ୍ଷକଙ୍କୁ ଗିରଫ କରିଛି । କହିବା ବାହୁଲ୍ୟ ଯେ, ମାଲକାନଗିରିରୁ ଆରମ୍ଭ କରି ବାଲେଶ୍ୱର ଏବଂ ରାଉରକେଲା ଠାରୁ ଆରମ୍ଭ କରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକ ପର୍ଯ୍ୟନ୍ତ ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କୁ ଯୌନ ନିର୍ଯାତନା, ଦୁଷ୍କର୍ମ, ପ୍ରତାରଣା, ହତ୍ୟା ଆଦି ଘଟଣାରେ ତାଲିକା ବଢିଚାଲିଛି । ଯେଉଁ ଘଟଣାଗୁଡିକ ଏବେ କେବଳ ଜାତୀୟ ଗଣମାଧ୍ୟମର ଚର୍ଚ୍ଚାର ବିଷୟ ହୋଇ ରହିନାହିଁ, ଓଡିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟ ପାଇଁ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି, କହିଲେ ଅତିରଂଜିତ ହେବ ନାହିଁ । କହିବା ବାହୁଲ୍ୟ ଯେ, ମହିଳା ଓ ଛାତ୍ରୀଙ୍କ ସୁରକ୍ଷା ପାଇଁ ୨୦୧୩ର ମହିଳା ନିର୍ଯାତନା ନିବାରଣ ଆଇନ(ପୋଶ) ରହିଛି । ଯେଉଁ ଆଇନରେ ଉଭୟ ଜେଲ, ଜରିମାନା ଠାରୁ ଆରମ୍ଭ କରି ମୃତ୍ୟୁଦଣ୍ଡ ବ୍ୟବସ୍ଥା ରହିଛି । ଶିକ୍ଷାନୁଷ୍ଠାନରେ ଛାତ୍ରୀ ଯୌନ ନିର୍ଯାତନା ରୋକିବା ପାଇଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ରହିଛି । ମାତ୍ର ଆଇନ ଓ ବ୍ୟବସ୍ଥାର ଯଥାର୍ଥ କାର୍ଯ୍ୟକାରିତା ଅଭାବରୁ ମହିଳା ବିରୋଧି ହିଂସା, ନିର୍ଯାତନା ଘଟଣାମାନ ବଢିବାରେ ଲାଗିଛି । ଉଲ୍ଲେଖଯୋଗ୍ୟ ଯେ, ବାଲେଶ୍ୱର ଘଟଣା ପରେ ରାଜ୍ୟ ସରକାର ଉଚ୍ଚ ଶିକ୍ଷାନୁଷ୍ଠାନରେ ମହିଳା ଓ ଛାତ୍ରୀଙ୍କ ପାଇଁ 'ଶକ୍ତିଶ୍ରୀ' ନାମକ ଏକ ନୂତନ ଯୋଜନା ଘୋଷଣା କରିଛନ୍ତି । କିନ୍ତୁ ଏହା ନିଃସନ୍ଦେହ ଯେ, ଏହାର କାର୍ଯ୍ୟକାରିତା ଓ ସଫଳତା ଶିକ୍ଷାନୁଷ୍ଠାନ, ପୋଲିସ ଓ ପ୍ରଶାସନ ଉପରେ ନିର୍ଭର କରେ । ଶିକ୍ଷାନୁଷ୍ଠାନ, ପୋଲିସ ଓ ପ୍ରଶାସନର ତ୍ୱରିତ କାର୍ଯ୍ୟାନୁଷ୍ଠାନ ମହିଳା ବିରୋଧି ଅପରାଧକୁ ନିୟନ୍ତ୍ରଣ କରିପାରିବ, ଏ ଆଶା ରହିଛି । କିନ୍ତୁ ପୋଲିସ ଓ ପ୍ରଶାସନର ନିଷ୍କ୍ରିୟତା ହିଁ ଅପରାଧକୁ ପରୋକ୍ଷରେ ବୃଦ୍ଧି ପାଇବାରେ ସହାୟକ ହୋଇଛି । ଶିକ୍ଷାନୁଷ୍ଠାନ, ପୋଲିସ ଓ ପ୍ରଶାସନ ଯଦି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତେ, ତେବେ ସୌମ୍ୟାଶ୍ରୀଙ୍କ ଜୀବନ ନିଶ୍ଚିତ ଭାବେ ବଞ୍ଚିଯାଇଥାନ୍ତା । ଅନ୍ୟପକ୍ଷରେ ଗତ ବର୍ଷକ ମଧ୍ୟରେ ରାଜ୍ୟରେ କେବଳ ମହିଳା ବିରୋଧି ହିଂସା ନୁହେଁ, ଚୋରି, ଡକାୟତି, ହତ୍ୟା, ଦୁଷ୍କର୍ମ ଆଦି ଘଟଣାମାନ ବଢିଚାଲିଛି । ତେବେ ଅପରାଧ କେବଳ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଅଭାବରୁ ବଢିଚାଲିଛି । ଅନେକ କ୍ଷେତ୍ରରେ ପୋଲିସ ରକ୍ଷକ ବଦଳରେ ଭକ୍ଷକ ହେବା ଅଭିଯୋଗ ହେଉଛି । ଯାହାର ପରିଣତି ଅପରାଧିଙ୍କୁ ସହାୟତା କରୁଛି । ପୋଲିସ ପ୍ରଶାସନରେ ସଂସ୍କାର ଏବଂ ଆଇନ ଯଥାର୍ଥ କାର୍ଯ୍ୟକାରିତା ମହିଳା ବିରୋଧି ହିଂସାକୁ ରୋକିବା ସହ ଆଇନ ଶୃଙ୍ଖଳା, ପରିସ୍ଥିତିରେ ଉନ୍ନତି ଆଣିବ, ଏଥିରେ ସନ୍ଦେହ ନାହିଁ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**






# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଅଧିକାଂଶ ସିସିଟିଭି ଅଚଳ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ପରେ କ୍ୟାମ୍ପସ୍‌ରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସବୁ କ୍ୟାମ୍ପସ୍‌ରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ପରିସ୍ଥିତିରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ । କ୍ୟାମ୍ପସର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ମଧ୍ୟରୁ ଅଧିକାଂଶ ଅଚଳ ପଡ଼ିଥିବା ଜଣାପଡ଼ିଛି । ଅଚଳ ସିସିଟିଭି କ୍ୟାମେରାର ମରାମତି ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲେ ହେଁ ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ସେପଟେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ନୂତନ ଭାବେ ସିସିଟିଭି ଲଗାଇବାକୁ ଗତବର୍ଷ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉଚ୍ଚଶିକ୍ଷା ବିଭାଗକୁ ପ୍ରସ୍ତାବ ଦେଇଥିଲେ । ତେବେ ଇତି ମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ । କ୍ୟାମ୍ପସ୍‌ରେ ୩ ଶହ ସିସିଟିଭି କ୍ୟାମେରା ଲଗାଇବା ନେଇ କରାଯାଇଥିବା ଯୋଜନା କେବଳ ପ୍ରସ୍ତାବରେ ଅଟକି ରହିଛି । ଦକ୍ଷିଣ ଓଡ଼ିଶାର ଅନ୍ୟତମ



ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ । ଏଠାରେ ଅଧ୍ୟୟନ ପାଇଁ ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟର ବହୁ ଜିଲ୍ଲାର ଛାତ୍ରଛାତ୍ରୀ ଆସିଥାନ୍ତି । ଫଳରେ ପ୍ରତିବର୍ଷ ପ୍ରାୟ ୪ ହଜାର ଛାତ୍ରଛାତ୍ରୀ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇଥାନ୍ତି । ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ୍ ଓ ବିଭିନ୍ନ ଛାତ୍ରାବାସରେ ଉଭୟ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସିସିଟିଭିର ବ୍ୟବସ୍ଥା କରିଛନ୍ତି । ଗତ ୨୦୧୯-୨୦ ମସିହାରେ ୭ ଲକ୍ଷ ୪୪ ହଜାର ୯୨୪ ଟଙ୍କା ବ୍ୟୟରେ କ୍ୟାମ୍ପସ୍‌ରେ ମୋଟ୍ ୧୨୪ଟି ସିସିଟିଭି କ୍ୟାମେରାର ବ୍ୟବସ୍ଥା କରାଯାଇଛି । ବିଶ୍ୱବିଦ୍ୟାଳୟ ମୁଖ୍ୟ କୋଠା, ସାମାଜିକ ବିଜ୍ଞାନ କୋଠା ଓ ସେନ୍‌ଟ୍ରାଲ୍ ଲାଇବ୍ରେରୀରେ ୧୧୪ଟି ସିସିଟିଭି ଲାଗିଥିବା ବେଳେ ଦୁଇଟି ଛାତ୍ରୀ ନିବାସରେ ୧୪ଟି ସିସିଟିଭି କ୍ୟାମେରା ଲଗାଯାଇଥିଲା । ସିସିଟିଭି ଲାଗିବା ଦିନଠାରୁ ରକ୍ଷଣାବେକ୍ଷଣ ହୋଇନଥିବା ବେଳେ ବର୍ଷାଧିକ କାଳ ଧରି ବହୁ ସିସିଟିଭି ଅଚଳ ହୋଇପଡ଼ିଛି । ସେହିପରି କିଛି ସିସିଟିଭିର ତାର ଛିଣ୍ଡି ଝୁଲୁଥିବା ଦେଖିବାକୁ ମିଳିଛି । ଆଉ କିଛି ସିସିଟିଭି କାର୍ଯ୍ୟ କରୁଥିଲେ ହେଁ କଏଦ ହେଉଥିବା ଦୃଶ୍ୟ ସଠିକ୍ ଭାବେ ଦୃଶ୍ୟମାନ ହେଉନାହିଁ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଓ ସିସିଟିଭି ରକ୍ଷଣାବେକ୍ଷଣା ଅଭାବରୁ ଲକ୍ଷାଧିକ ଟଙ୍କାର ସିସିଟିଭି ବର୍ତ୍ତମାନ ନଷ୍ଟ ପ୍ରାୟ । ଅନ୍ୟପକ୍ଷରେ ଗତବର୍ଷ ଅକ୍ଟୋବର ୩୦ ତାରିଖରେ କ୍ୟାମ୍ପସ୍‌ରେ ବିଭିନ୍ନ ସ୍ଥାନରେ ୩୦୦ଟି ସିସିଟିଭି ଲଗାଇବା ପାଇଁ ଉଚ୍ଚଶିକ୍ଷା ବିଭାଗକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲେ । ଏଥି ନିମନ୍ତେ ପ୍ରାୟ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଥିବା ବେଳେ ରକ୍ଷଣାବେକ୍ଷଣା ବାବଦକୁ ପ୍ରତିବର୍ଷ ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ମଧ୍ୟ ଚିଠିରେ ଉଲ୍ଲେଖ ରହିଛି । ଚିଠି ଲେଖିବାର ଦୀର୍ଘ ୧୦ ମାସ ବିତିଯାଇଥିଲେ ହେଁ କ୍ୟାମ୍ପସ୍‌ରେ ନୂତନ ସିସିଟିଭି ଲାଗିବା ପ୍ରସ୍ତାବ କେବଳ ପ୍ରସ୍ତାବରେ ଅଟକି ରହିଛି । ତେଣୁ କ୍ୟାମ୍ପସ୍‌ରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ । ଏଭଳି ପରିସ୍ଥିତିରେ ନୂତନ ସିସିଟିଭି ଦୂରେଥାଉ ପ୍ରଥମେ ଅଚଳ ସିସିଟିଭି ଗୁଡ଼ିକୁ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି ।

# ଅନ୍ଧାରରେ ଅଧା ଭୁବନେଶ୍ୱର:ମାସିକ ହାରାହାରି ୩ କୋଟି ଖର୍ଚ୍ଚ, ତଥାପି ବଦଳୁନି ଚିତ୍ର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ପ୍ରଥମ ସହର ଭାବେ ଭୁବନେଶ୍ୱର ମହାନଗର ନିଗମ ୨୦୧୬ ମସିହାରେ ସ୍ମାର୍ଟ ସିଟିର ମାନ୍ୟତା ପାଇଲା । ମାନ୍ୟତା ପାଇବା ୯ ବର୍ଷ ବିତିଗଲାଣି, ଅଥଚ ସହରର ଚିତ୍ର ବଦଳୁନି । ସନ୍ଧ୍ୟା ନଇଁଲେ ଏଠି ଅନ୍ଧାରର ରାଜୁତି । ଅଧାସହର ଅନ୍ଧକାରମୟ ହୋଇଯାଉଛି । ସ୍ଥିତି ଏପରି ଯେ ରାତିରେ ଭୁବନେଶ୍ୱର ସହରରେ ଯାତାୟାତ କରିବାକୁ ଲୋକେ ଡରିଲେଣି । ପ୍ରତି ମୁହୂର୍ତ୍ତରେ ଚୋରି, ରାହାଜାନି, ଦୁର୍ଘଟଣାର ଭୟ ଘାରୁଛି । ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପାଣ୍ଡରା ଛକରୁ ସାଇମନ୍ଦିର ଛକ, ନନ୍ଦନକାନନ ରାସ୍ତା, ପଲାଶୁଣି ରାସ୍ତା, ଚନ୍ଦ୍ରଶେଖରପୁର ରାସ୍ତା, ରଘୁନାଥପୁର ରାସ୍ତା, କଳିଙ୍ଗ ଷ୍ଟାଡିୟମ୍ ନିକଟ ଅଞ୍ଚଳ, ରସୁଲଗଡ଼ରୁ ସହିଦନଗର ରାସ୍ତା, ବମିଖାଲ ବ୍ରିଜ୍‌ରୁ ମହର୍ଷି କଲେଜ ଦେଇ ସହିଦନଗର ରାସ୍ତା, ଲକ୍ଷ୍ମୀସାଗର ରାସ୍ତାର ଅଧା ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ । ଭୁବନେଶ୍ୱର ମହାନଗର ନିଗମର ଆଲୋକୀକରଣ ପାଇଁ ହାଇମାଷ୍ଟ, ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ବାବଦରେ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଏହାର ମାସିକ ପରିଚାଳନାରେ ହାରାହାରି ୩ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଉଛି । କେବଳ ସେତିକି ନୁହେଁ, ଭୁବନେଶ୍ୱର ମହାନଗର ନିଗମ



(ବିଏମ୍‌ସି)ର ଆଲୋକୀକରଣ କଥା ବୁଝିବାକୁ ବିଏମ୍‌ସି ମୁଖ୍ୟାଳୟରେ ସ୍ୱତନ୍ତ୍ର ବିଦ୍ୟୁତ୍ ସେକ୍ସନ୍ ରହିଛି । ଏହା ଦାୟିତ୍ୱରେ ଜଣେ ନିର୍ବାହୀ ଯନ୍ତ୍ରୀ ରହିଛନ୍ତି । ପ୍ରତି ୱାର୍ଡରେ ବିଦ୍ୟୁତ୍ ପରିଚାଳନା କଥା ବୁଝିବାକୁ ସ୍ୱତନ୍ତ୍ର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ଓ ବିଭିନ୍ନ ଏଜେନ୍ସି ବି ନିୟୋଜିତ ହୋଇଛନ୍ତି । ଅଥଚ ସ୍ଥିତିରେ ସୁଧାର ନ ଆସିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ ହୋଇଛି । ସହରବାସୀ ଅଭିଯୋଗ କରିଛନ୍ତି, ନିର୍ବାହୀ ଯନ୍ତ୍ରୀ ଦାୟିତ୍ୱରେ ଥିବା ସୁକାନ୍ତ କୁମାର ସାବତ କେବେ ଫୋନ୍ ଉଠାନ୍ତିନି । କାର୍ଯ୍ୟାଳୟକୁ ଗଲେ ବି ଦେଖାମିଳେନି । ଲୋକେ କୌଣସି ସମସ୍ୟା ସମ୍ପର୍କରେ ଜଣାଇବାକୁ ଚାହୁଁଥିଲେ ବି ଫୋନ୍ ଉଠାଉନଥିବାରୁ ଏହା ସମ୍ଭବପର ହେଉନି । ଯାତାୟାତ ବେଳେ ପ୍ରତି ମୁହୂର୍ତ୍ତରେ ଭୟାତୁର ପରିବେଶ, ଲୋକଙ୍କ ପିଛା ଛାଡୁନି । ରାଜଧାନୀ ଭୁବନେଶ୍ୱରର ଏଭଳି ବିକଳ ଚିତ୍ର ଉପହାସ ପରି ମନେ ହେଉଛି । ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୭୭ ହଜାରରୁ ଅଧିକ ଷ୍ଟ୍ରିଟ୍ ଲାଇଟ୍ ରହିଛି । ପ୍ରମୁଖ ଛକମାନଙ୍କରେ ୧୩୧ରୁ ଅଧିକ ହାଇମାଷ୍ଟ ଲାଇଟ୍ ଲଗାଯାଇଛି । ଷ୍ଟ୍ରିଟ୍ ଲାଇଟ୍ ଲଗାଇବା, ସଜାଡ଼ିବା ତଥା ରକ୍ଷଣାବେକ୍ଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟରେ ସ୍ୱତନ୍ତ୍ର ଇଲେକ୍ଟ୍ରିକାଲ୍ ସେକ୍ସନ୍‌ରେ ଜଣେ ନିର୍ବାହୀ ଯନ୍ତ୍ରୀ, ୨ଜଣ କନିଷ୍ଠ ଯନ୍ତ୍ରୀ, ବହୁ କାର୍ଯ୍ୟାଳୟ କର୍ମଚାରୀ ଓ କ୍ଷେତ୍ର କର୍ମଚାରୀ କାମ କରୁଛନ୍ତି । କିନ୍ତୁ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି କି ସ୍ଥିତି ଅନୁଧ୍ୟାନ କରୁନାହାନ୍ତି । ଖର୍ଚ୍ଚ କଥା ଦେଖିଲେ, ମାର୍ଚ୍ଚରେ ସହରର ଆଲୋକୀକରଣ (ବିଦ୍ୟୁତ୍ ବିଲ୍ ଓ ରକ୍ଷଣାବେକ୍ଷଣ) ବାବଦରେ ୩ କୋଟି ୧୨ ଲକ୍ଷ ୪୭ ହଜାର ୮୯୭ ଟଙ୍କା ଖର୍ଚ୍ଚ କରାଯାଇଛି । ଯେଉଁଥିରୁ ବିଦ୍ୟୁତ୍ କିଣାରେ ୨ କୋଟି ୮୭ ଲକ୍ଷ ୩୨ ହଜାର ୯୮ ଟଙ୍କା, ହାଇମାଷ୍ଟ, ଷ୍ଟ୍ରିଟ୍ ଲାଇଟ୍ ରକ୍ଷଣାବେକ୍ଷଣ ଓ ପରିଚାଳନାରେ ୨୫ ଲକ୍ଷ ୧୫ ହଜାର ୭୯୯ ଟଙ୍କା ଖର୍ଚ୍ଚ କରାଯାଇଛି । ସେହିଭଳି ଏପ୍ରିଲରେ ଆଲୋକୀକରଣ ତଥା ହାଇମାଷ୍ଟ, ଷ୍ଟ୍ରିଟ୍ ଲାଇଟ୍ ଆଦି ପରିଚାଳନା ବାବଦରେ ୫ କୋଟି ୪୬ ହଜାର ୨୬୫ ଟଙ୍କା ଖର୍ଚ୍ଚ କରାଯାଇଛି । ଯେଉଁଥିରୁ ହାଇମାଷ୍ଟ ଓ ଷ୍ଟ୍ରିଟ୍ ଲାଇଟ୍ କିଣାରେ ୩ କୋଟି ୩୮ ଲକ୍ଷ ୪୫ ହଜାର ୩୮୦ ଟଙ୍କା, ବିଦ୍ୟୁତ୍ କିଣାରେ ୯୪ ଲକ୍ଷ ୫୧ ହଜାର ୧୮୨ ଟଙ୍କା, ଷ୍ଟ୍ରିଟ୍ ଲାଇଟ୍ ଓ ହାଇମାଷ୍ଟ ପରିଚାଳନାରେ ୬୭ ଲକ୍ଷ ୪୩ ହଜାର ୭୦୩ ଟଙ୍କା ଖର୍ଚ୍ଚ କରାଯାଇଛି । ମେ ମାସରେ ଆଲୋକୀକରଣ ପାଇଁ ୨ କୋଟି ୪୧ ଲକ୍ଷ ୩୦ ହଜାର ୧୬୦ ଟଙ୍କା ଖର୍ଚ୍ଚ କରାଯାଇଛି । ଯେଉଁଥିରୁ ବିଦ୍ୟୁତ୍ କିଣାରେ ୭୯ ଲକ୍ଷ ୬୦ ହଜାର ୭୩୦ ଟଙ୍କା, ହାଇମାଷ୍ଟ ଓ ଷ୍ଟ୍ରିଟ୍ ଲାଇଟ୍ କିଣାରେ ୧ କୋଟି ୬ ଲକ୍ଷ ୭୩ ହଜାର ୭୮୯ ଟଙ୍କା ଏବଂ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣରେ ୫୪ ଲକ୍ଷ ୯୫ ହଜାର ୬୪୧ ଟଙ୍କା ଖର୍ଚ୍ଚ କରାଯାଇଛି । ପ୍ରତି ମାସରେ ହାରାହାରି ୩ କୋଟି ପର୍ଯ୍ୟନ୍ତ ଟଙ୍କା ସହରର ଆଲୋକୀକରଣ ବ୍ୟବସ୍ଥା ପାଇଁ ଖର୍ଚ୍ଚ ହେଉଥିଲେ ବି ଷ୍ଟ୍ରିଟ୍ ଲାଇଟ୍ ଠିକ୍ ଭାବେ ଜଳୁନାହିଁ ।



# ରାୟଗଡ଼ାରେ ଆକାଂକ୍ଷା ହାଟ ଉଦ୍‌ଘାଟିତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ତିନି ମାସ ଧରି ଚାଲିଥିବା ସମ୍ପୂର୍ଣ୍ଣତା ଅଭିଯାନର ସଫଳତାରେ ଅଗ୍ରଗାମୀ ଭୂମିକା ନିର୍ବାହ କରିଥିବା ଜିଲ୍ଲା ଅଧିକାରୀ, ବ୍ଲକ୍ ଟିମ୍, ଅଗ୍ରଭାଗର କର୍ମଚାରୀ ଓ ବିଭିନ୍ନ ଦାବିଦାର ମାନଙ୍କୁ ସମ୍ମାନିତ କରିବା ପାଇଁ ଏକ ବିଶେଷ 'ସମ୍ମାନ ସମାରୋହ' ଆୟୋଜିତ ହୋଇଥିଲା, ଯାହା ଜିଲ୍ଲା ପରିଷଦ ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଆରମ୍ଭରେ "ଆକାଂକ୍ଷା ହାଟ"ର ଉଦ୍‌ଘାଟନ କରାଯାଇଥିଲା, ଯାହା ଗ୍ରାମୀଣ ପଦାର୍ଥ ଓ ସମୁଦାୟ ଆଧାରିତ ନବୀନତାକୁ ପ୍ରଦର୍ଶିତ କରିଥିଲା । ଏହି ହାଟ ୭ ଦିନ ଅବଧି ପର୍ଯ୍ୟନ୍ତ ଖୋଲା ରହିବ । ଏହା ସହିତ 'ସେଲ୍‌ଫି ପଏଣ୍ଟ' ଓ "ହୁନର କି ଛାପ୍" ଅଭିଯାନର ଆରମ୍ଭ ମଧ୍ୟ ହୋଇଥିଲା, ଯାହା ସମୁଦାୟ ଅଧିକାର ଓ ଗର୍ବକୁ ବଢ଼ାଇଥାଏ । ଶିକ୍ଷା ଓ ପୋଷଣ ବିଭାଗର ଅଧିକାରୀମାନଙ୍କୁ ତାଙ୍କ ଅଂଶରେ ୧୦୦% ପରିପୂର୍ଣ୍ଣତା ଲକ୍ଷ୍ୟ ପ୍ରାପ୍ତି ପାଇଁ ସମ୍ମାନିତ କରାଯାଇଥିଲା । ବିଶେଷ କରି ପଦ୍ମପୁର ଓ ମୁନିଗୁଡା ବ୍ଲକ୍ ମାନଙ୍କୁ ସ୍ୱାସ୍ଥ୍ୟ, ପୋଷଣ, କୃଷି, ମୌଳିକ ଭିତ୍ତିଭୂମି ଓ ସାମାଜିକ ବିକାଶରେ ୧୦୦% ଲକ୍ଷ୍ୟ ପୂରଣ କରିବା ପାଇଁ ବିଶେଷ ସମ୍ମାନ ଦିଆଯାଇଥିଲା । ଏହି ସଫଳତା ସମନ୍ୱୟ ଓ ଏକତ୍ର କାର୍ଯ୍ୟର ଅନୁପମ ଦୃଷ୍ଟାନ୍ତ । ଏହି କାର୍ଯ୍ୟକ୍ରମରେ ବିଧାୟକ ରାୟଗଡା, ଆପଲ ସ୍ୱାମୀ କାଡ୍ରାକା, ଅଧ୍ୟକ୍ଷା ଜିଲ୍ଲା ପରିଷଦ, ରୟାଗଡ଼, ସୁଶ୍ରୀ ସରସ୍ୱତୀ ମାଝୀ, ଖଣ୍ଡିୟ ବନ ଅଧିକାରୀ, ସଚିନ ଅମ୍ଭା ସାହେବ ଓହଲେ, ଅତିରିକ୍ତ ଜିଲ୍ଲାପାଳ, ନବୀନ ଚନ୍ଦ୍ର ନାୟକ, ମୁଖ୍ୟ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ, ସମସ୍ତ ବିଡିଓ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ସମସ୍ତଙ୍କର ଉପସ୍ଥିତି ଓ ଉତ୍ସାହବର୍ଦ୍ଧନ ସ୍ଥାନୀୟ ସ୍ତରରେ ଉଲ୍ଲେଖନୀୟ ଅଭିଯାନଗୁଡ଼ିକୁ ସ୍ୱୀକୃତି ଦେବାର ଗୁରୁତ୍ୱକୁ ଉଜାଗର କଲା । ସମସ୍ତ ବିଭାଗ, ଅଧିକାରୀ, ଅଗ୍ରଭାଗର କର୍ମଚାରୀ, ଆକାଂକ୍ଷୀ ବ୍ଲକ୍ କର୍ମଚାରୀ ଓ ପିରାମଲ ଫାଉଣ୍ଡେସନ୍ ଟିମ୍ ମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନ ଅନ୍ତେ, ବିଭାଗ ଓ ବ୍ୟକ୍ତିଗତ ଭାବେ ଅବଦାନ ରଖିଥିବା ଲୋକଙ୍କୁ ପୁରସ୍କାର ଓ ସମ୍ମାନପତ୍ର ବଣ୍ଟନ କରାଯାଇଥିଲା । ଏହି ଅନୁଷ୍ଠାନ ଏକତ୍ର ଦୃଢ ଇଚ୍ଛାଶକ୍ତି, ଯୁକ୍ତ ନେତୃତ୍ୱ ଓ ସଂଘବଦ୍ଧ କାର୍ଯ୍ୟଦକ୍ଷତା ଦ୍ୱାରା ସାର୍ଥକ ଓ ସ୍ଥାୟୀ ବିକାଶ ଆଣିବା ଦୃଢ ସଂକଳ୍ପକୁ ପୁନର୍ବ୍ୟକ୍ତ କଲା ।

# ପାତ୍ରପୁଟ ପେଟ୍ରୋଲ ପମ୍ପ ଛୁରାମାଡ଼ ମାମଲା : ଜଣେ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ନିକଟ ପାତ୍ରପୁଟ ପେଟ୍ରୋଲ ପମ୍ପରେ ଛୁରାମାଡ ମାମଲାରେ ସଦର ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ଡଙ୍ଗରଛିଞ୍ଚି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମକାପୁଟ୍ ଗ୍ରାମର ଇଶ୍ୱର ନାଗ (୨୨) । ପ୍ରକାଶ ଥାଉକି, ଗତ ୩୦ ତାରିଖ ସନ୍ଧ୍ୟାରେ ପାତ୍ରପୁଟ ବ୍ରିଜ୍ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟରେ ଏକ ଅଟୋରେ ଅଭିଯୁକ୍ତ ଇଶ୍ୱର ଓ ସମ୍ପର୍କୀୟ ମାନେ ପମ୍ପକୁ ଆସି ଡିଜେଲ ପକାଇଥିଲେ । ପମ୍ପରେ କାର୍ଯ୍ୟରତ ଥିବା ରାଜେନ୍ଦ୍ର ଖିଲ ପଇସା ମାଗିବାରୁ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା । ହଠାତ୍ ଇଶ୍ୱର ଧାରୁଆ ଛୁରିରେ ରାଜେନ୍ଦ୍ରଙ୍କ ବେକକୁ ଆକ୍ରମଣ କରିଥିଲେ । ଘଟଣାଟି ସିସିଟିଭି କ୍ୟାମେରା ଦ୍ୱାରା କଏଦ ଥିବା ବେଳେ ଛୁରି ମାଡ ହୋଇଥିବା ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ପେଟ୍ରୋଲ ପମ୍ପରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ବୈପାରିଗୁଡା ଚନ୍ଦ୍ରପଡା ପଞ୍ଚାୟତର ପାଲିଗୁଡା ଗାଁର ଲଳିତ ଖିଲଙ୍କ ପୁଅ ରାଜେନ୍ଦ୍ର ଖିଲଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା । ଆହତକୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା । ରାଜେନ୍ଦ୍ରଙ୍କ ସାନ ଭାଇ ସୁରେନ୍ଦ୍ର ସଦରଥାନାରେ ଏତଲା ପ୍ରଦାନ କରିବା ପରେ ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାରେ ତଦନ୍ତ ଜାରି ରଖିଥିବା ବେଳେ ଅଭିଯୁକ୍ତ ଇଶ୍ୱର ନାଗକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ପଦବୀ ସୃଷ୍ଟି ନହେବାରୁ ଚାକିରି ନପାଇ ଲାଇବ୍ରେରିଆନ୍‌ଙ୍କ ହଟହଟା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ରତିବର୍ଷ ଓଡ଼ିଶାରୁ ୬ରୁ ୭ ହଜାର ଲାଇବ୍ରେରିଆନ୍ ବାହାରୁଛନ୍ତି । କିଏ ସ୍ନାତକରେ ତ ଆଉ କିଏ ସ୍ନାତକୋତ୍ତର ପାଠ୍ୟକ୍ରମ ଶେଷ କରୁଛନ୍ତି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଡିଗ୍ରି ହାସଲ କରୁଥିଲେ ମଧ୍ୟ ଚାକିରି ପାଉନାହାନ୍ତି । ଘରୋଇ କ୍ଷେତ୍ରରେ ଯାହା କିଛି ସୁଯୋଗ ରହିଥିବା ବେଳେ ସରକାରୀ କ୍ଷେତ୍ରରେ ଆଦୌ ପଦବୀ ସୃଷ୍ଟି ହେଉନାହିଁ । ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗ୍ରନ୍ଥାଗାରରେ ଖାଲିପଡ଼ିଥିବା ଗ୍ରନ୍ଥାଗାରିକ ପଦବୀ ପୂରଣ କରିବାକୁ ପୂର୍ବ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ ହୋଇପାରିନଥିଲା । ବର୍ତ୍ତମାନ ସରକାର ସମୟରେ ମଧ୍ୟ ସମାନ ସ୍ଥିତି ଉପୁଜିଛି । କ୍ଷମତାକୁ ଆସିବାର ଗୋଟିଏ ବର୍ଷ ବିତିଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଆଶାୟୀଙ୍କ ମଧ୍ୟରେ ହତାଶା ଭାବ ସୃଷ୍ଟି ହୋଇଛି । ୪୮୮ ବର୍ଗ ବେସରକାରୀ ମହାବିଦ୍ୟାଳୟ ପାଇଁ ମଞ୍ଜୁରପ୍ରାପ୍ତ ୨୫୭ ସହାୟକ



ଲାଇବ୍ରେରିଆନ୍ ପଦବୀ ମଧ୍ୟରୁ ୧୬୨ ଏବଂ ୧୧୩ଟି କନିଷ୍ଠ ଲାଇବ୍ରେରିଆନ୍ ମଧ୍ୟରୁ ୧୦୧ଟି ଖାଲି ପଡ଼ିଛି । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଠାଗାରରେ ଶତାଧିକ ଲାଇବ୍ରେରିଆନ୍ ପଦବୀ ଖାଲି ପଡିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ସରକାର ସମୟରେ ୧୦୬ଟି ଲାଇବ୍ରେରିଆନ୍ ପଦବୀ ସୃଷ୍ଟି ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଜ୍ଞପ୍ତି ବାହାରିପାରିନାହିଁ । ବୈଷୟିକ ଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗ ଅଧୀନ ଶିକ୍ଷାନୁଷ୍ଠାନରେ ଖାଲିପଡ଼ିଥିବା ପଦବୀଗୁଡ଼ିକ ପୂରଣ ଦିଗରେ ସରକାରଙ୍କ ଆନ୍ତରିକତା ନଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି । ବିଦ୍ୟାଳୟ, ମହାବିଦ୍ୟାଳୟ ପଦବୀ ପୂରଣ ହେଉନି ସେମାନେ କହିଛନ୍ତି ଯେ ଅନେକ ପିଲା ଚାକିରି ଆଶା ନେଇ ଲାଇବ୍ରେରୀ ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରୁଛନ୍ତି । କିନ୍ତୁ ସାରା ରାଜ୍ୟର ପାଠାଗାରରେ ପଦବୀ ଖାଲିପଡ଼ିଥିଲେ ମଧ୍ୟ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଉନାହିଁ । ଇତିମଧ୍ୟରେ ଚାକିରି ଆଶାରେ ଅନେକଙ୍କ ବୟସ ଗଡ଼ିଗଲାଣି । ଜିଲ୍ଲା ପାଠାଗାର, ସମନ୍ୱିତ ପାଠାଗାର, ସ୍ମାରକୀ ପାଠାଗାର, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଉପଯୁକ୍ତ ଭିତ୍ତିଭୂମିର ଅଭାବ ସହ ଖାଲିଥିବା ପଦବୀଗୁଡ଼ିକ ପୂରଣ ହେଉନାହିଁ । ବଲାଙ୍ଗୀର, ରାୟଗଡ଼ା, ବାଲେଶ୍ୱର, କୋରାପୁଟ, ସୁନ୍ଦରଗଡ଼, କଟକ, ବରଗଡ଼, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ଢେଙ୍କାନାଳ, ପୁରୀ, କଳାହାଣ୍ଡି, ଅନୁଗୁଳ ପରି ଜିଲ୍ଲା ପାଠାଗାରରେ ଗ୍ରନ୍ଥାଗାରିକ ପଦବୀ ଖାଲି ପଡ଼ିଛି । ଭଦ୍ରକ ଓ ଝାରସୁଗୁଡା ଜିଲ୍ଲା ପାଠାଗାର ପାଇଁ କୌଣସି ପଦବୀ ମଞ୍ଜୁର ହୋଇନାହିଁ । ଆଶାୟୀମାନେ ଅଭିଯୋଗ କରିଛନ୍ତି ଯେ ପୂର୍ବ ସରକାର ସମୟରେ ୫-ଟି କାର୍ଯ୍ୟକ୍ରମ ମାଧ୍ୟମରେ ଉଚ୍ଚ ବିଦ୍ୟାଳୟ (ହାଇସ୍କୁଲ)ରେ ଅତ୍ୟାଧୁନିକ ଲାଇବ୍ରେରୀ ପ୍ରତିଷ୍ଠା ହୋଇଛି । ପ୍ରାୟ ୭,୫୦୦ ବିଦ୍ୟାଳୟରେ ଲାଇବ୍ରେରୀ ନିର୍ମାଣ ହୋଇଥିଲେ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ । ଲାଇବ୍ରେରିଆନ୍ ନଥିବାରୁ ପିଲାମାନେ ପଢ଼ିପାରୁନାହାନ୍ତି । ଶିକ୍ଷକମାନେ ପିଲାଙ୍କୁ ସମୟ ଦେଉନାହାନ୍ତି । ବର୍ତ୍ତମାନ ସମୟରେ ବିଦ୍ୟାଳୟ ପାଇଁ ଗ୍ରନ୍ଥାଗାର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ପଦକ୍ଷେପ ନେବାକୁ ଆଶାୟୀମାନେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ ।

# ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ଭାବେ ବାଲି ଚୋରା ଚାଲାଣ ବେଳେ ବାରିପଦା ସଦର ଥାନା ପୋଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ସହ ଚାଳକଙ୍କୁ ଗିରଫ କରାଯାଇଛି । ଚାଳକ ଜଣକ ହେଲେ ଶୁଲିଆପଦା ଥାନା ଅନ୍ତର୍ଗତ କୁଜୁଡ଼ିହି ଗ୍ରାମର ଶିବ ସିଂ(୨୮) । ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି । ଯାହାକୁ ନେଇ ପୋଲିସ ପକ୍ଷରୁ ନିଚୁଆପଦା ଅଞ୍ଚଳରେ ପେଟ୍ରୋଲିଂ ସମୟରେ ଦ୍ରୁତଗତିରେ ଆସୁଥିବା ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲା । ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ୍ ଭାବେ ବାଲି ଚୋରା ଚାଲାଣ କରୁଥିବାରେ ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି । ଏନେଇ ଥାନାରେ ଲଘୁ ଖଣିଜ ବେଆଇନ୍ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

# ଧର୍ମଶାଳା ବ୍ଲକରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ



**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ସ୍ୱଚ୍ଛଭାରତ ଅଭିଯାନରେ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ସାମାନ୍ୟତମ ପ୍ରଭାବ ଦେଖାଯାଉନାହିଁ । ଧର୍ମଶାଳା ବ୍ଲକର ୫୪ ପଞ୍ଚାୟତ କଥା ଛାଡ଼ନ୍ତୁ ଜାରକା ସହରାଞ୍ଚଳ ଅବସ୍ଥା କହିଲେ ନସରେ । ପରିମଳ ଦିଗରେ ବ୍ଲକ୍ ପ୍ରଶାସନ ସମ୍ପୂର୍ଣ୍ଣ ସ୍ଥାଣୁ । ଜାରକା ବଜାର ସାରା ଯୁଆଡେ ଦେଖିବ କୁଢକୁଢ଼ ଅଳିଆ ଆବର୍ଜନା ଜମା ହୋଇଛି । ବଡ଼ବଜାରରେ କେଉଁଠି ଗୋଟେ ଅଧେ ଡଷ୍ଟବିନ୍ ଦେଖାଯାଉଥିଲା ସେସବୁ ଆଉନାହିଁ । ବଡ଼ ବଡ଼ ବ୍ୟବସାୟୀମାନେ ବଜାର ରାସ୍ତା କଡକୁ ଡମ୍ପ ୟାର୍ଡ କରିଛନ୍ତି । ଜାରକା ଟେଲିଫୋନ୍ ଏକ୍ସଚେଞ୍ଜ ଏବେ ଗୋଟିଏ ଲୁଗା ଦୋକାନର ଶୌଚାଳୟ ପାଲଟିଛି । ମାଛ ମାର୍କେଟ୍ ପାଇଁ ୫ ଶହ ମିଟର ରାସ୍ତା ଏବେ ଜମଯନ୍ତ୍ରଣା ପାଲଟିଛି । ମାଛ ଟ୍ରକ୍‌ରୁ ବାହାରୁଥିବା ପାଣି ରାସ୍ତା ଉପରେ ଲହଡ଼ି ଭାଙ୍ଗୁଛି । ସେଥିପ୍ରତି କାହାର ନଜରନାହିଁ । ଗୋପବନ୍ଧୁ ଛକରୁ ମାଛ ମାର୍କେଟ୍‌କୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରୁଛନ୍ତି । ଜାରକାରେ ଚାଲୁଥିବା ୧୦ଟି ମଣ୍ଡପରୁ ବାହାରୁଥିବା ସମସ୍ତ ବର୍ଜ୍ୟବସ୍ତୁକୁ ରାସ୍ତା କଡ଼ରେ ଗଦା କରୁଛନ୍ତି । ବିନା ପରିମିସନ୍‌ରେ ମଣ୍ଡପ ସବୁ ଚାଲୁଛି । ସେଥିପ୍ରତି ପ୍ରଶାସନର ନଜର ନାହିଁ । ରାଜନୈତିକ ଦଳ ସବୁ କଳାପଥର ବାଲି ଲୁଟ୍ କେଳେଙ୍କାରୀରେ ମାତିଥିବା ବେଳେ ପ୍ରଶାସନ ଆଖିରେ ଅନ୍ଧ ପୁଟୁଳି ବାନ୍ଧିଛନ୍ତି । ପ୍ରତି ପଞ୍ଚାୟତକୁ ଅଳିଆ ଟ୍ରଲିବୁଲି ଅଳିଆ ସଫା ହେଉଛି ବୋଲି କାଗଜପତ୍ରରେ ଚାଲିଛି । ପଞ୍ଚାୟତଗୁଡ଼ିକ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଛନ୍ତି । ପଞ୍ଚାୟତ ସମିତି ବୈଠକରେ ଏ ବାବଦରେ ଥରୁଟିଏବି ଆଲୋଚନା ହେଉନାହିଁ । କିନ୍ତୁ କୋଟି କୋଟି ଟଙ୍କା ଚଳୁ ହେଉଛି । ରାଜ୍ୟ ସରକାର ଏସବୁର ଭିଜିଲାନ୍ସ କିମ୍ବା ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଦାବି ହେଉଛି ।



# ଛତା ଠାରେ ବସ୍‌ଷ୍ଟାଣ୍ଡ କରିବାକୁ ଜିଲ୍ଲା ଚାଷୀଶ୍ରମିକ ସଂଘର ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଚାଷୀ ଶ୍ରମିକ ସଂଘ ତରଫରୁ ଜିଲ୍ଲାପାଳ ରଘୁରାମ ଆୟାରଙ୍କୁ ଭେଟି ସମ୍ବର୍ଦ୍ଧନା ଦେବା ସହ ଛତା ଠାରେ ନୂତନ ବସ୍‌ଷ୍ଟାଣ୍ଡ କରିବା ପାଇଁ ଦାବି କରାଯାଇଛି । ଦୀର୍ଘ ବର୍ଷ ହେଲା ଜିଲ୍ଲା ଚାଷୀ ଶ୍ରମିକ ସଂଘ ଛତା ଠାରେ ବସ୍‌ଷ୍ଟାଣ୍ଡ କରିବାକୁ ବିଭିନ୍ନ ଅଧିକାରୀ ମାନଙ୍କୁ ଦାବିପତ୍ର ପ୍ରଦାନ କରିଆସୁଛନ୍ତି । ଜିଲ୍ଲାପାଳ ଶ୍ରୀ ଆୟାର ଛତା ଠାରେ ବସ୍‌ଷ୍ଟାଣ୍ଡ କରିବା ପାଇଁ ସଂଘକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଦାବିପତ୍ର ପ୍ରଦାନ ଓ ସମ୍ବର୍ଦ୍ଧନା ଉତ୍ସବରେ ପଣ୍ଡିତ ଶରତ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ, କୃତିବାସ ଦାସ, ଆଦିକନ୍ଦ ବଳ, ଅଞ୍ଜନ ପଲାଇ, ରିତ ସାମଲ, ଅକ୍ଷୟ ତ୍ରିପାଠୀ, ରବିନ୍ଦ୍ର ମହାରଣା, ଗୋବିନ୍ଦ ବାରିକ, ଭରତ ସିଂହ, କୃଷ୍ଣଚନ୍ଦ୍ର ଦାସ, ଗୌଣି ବେହୋର ପ୍ରମୁଖ ଉପସ୍ଥିତ ଥିଲେ ।

# ବୁଲା ଗୋରୁଙ୍କ କବ୍‌ଜାରେ ଗଞ୍ଜାମ ଏନ୍‌ଏସି:ପ୍ରଶାସନ ନୀରବ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ସହରରେ ସନ୍ଧ୍ୟା ସମୟରେ ମୁଖ୍ୟ ରାସ୍ତାଗୁଡ଼ିକରେ ବୁଲା ଗାଈ ଓ ଗୋରୁଙ୍କ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଉଛି । ବଡ଼ବଜାର ଠାରୁ ଆରମ୍ଭ କରି ସାନବଜାର ପର୍ଯ୍ୟନ୍ତ ରାସ୍ତା ଗୁଡ଼ିକରେ ଗାଈ ଓ ଗୋରୁଙ୍କ ପଲ ମୁକ୍ତ ଭାବେ ବୁଲୁଥିବା ଦେଖାଯାଉଛି । ଗଞ୍ଜାମ ଏନ୍‌ଏସିର ମାଛ ବଜାର, ସାନବଜାର, ବଡ଼ବଜାର, ମେଡିକାଲ ଛକ, ବ୍ଲକ୍ ଅଫିସ୍ ସମ୍ମୁଖ, ଜୟଶ୍ରୀ ଛକ ଓ ପୁଇଁତୋଳା ଛକ ଆଦି ଅଞ୍ଚଳରେ ଗାଈ ଓ ଗୋରୁଙ୍କ ଉପଦ୍ରବ ଏକ ନିତିଦିନିଆ ଦୃଶ୍ୟ ହୋଇପଡ଼ିଛି । ସକାଳେ ରାସ୍ତାଗୁଡ଼ିକ ପ୍ରାୟତଃ ଖାଲି ଥିବାବେଳେ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାଗୁଡ଼ିକ ଗାଈ ଓ ଗୋରୁଙ୍କ କବ୍‌ଜାରେ ରହୁଛି । ଫଳରେ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା, ବାଇକ୍ ଆରୋହୀ ଓ ପଥଚାରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାଦ୍ୱାରା ବଡ଼ବଜାର ଠାରୁ ସାନବଜାର ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ୍ ସମସ୍ୟା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି । ସନ୍ଧ୍ୟା ସମୟରେ ବଜାରରେ ଗହଳି ବଢ଼ିଥାଏ, କିନ୍ତୁ ଗାଈଗୋରୁଙ୍କ ଉପସ୍ଥିତି ଯୋଗୁ ଯାନବାହାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି । ଅନେକ



ସମୟରେ ଛୋଟବଡ଼ ଯାନବାହାନ ଦୁର୍ଘଟଣା ସହ ଗାଈ ଓ ଗୋରୁଙ୍କ ମୃତ୍ୟୁ ବା ଆହତ ହେବାର ଘଟଣା ମଧ୍ୟ ଘଟୁଛି । ମୁଖ୍ୟ ରାସ୍ତାରେ ସନ୍ଧ୍ୟା ହେବା ମାତ୍ରେ ଗାଈଗୋରୁଙ୍କ ଆଧିପତ୍ୟ ଦେଖାଯାଉଥିବା ବେଳେ ପ୍ରଶାସନିକ କର୍ମଚାରୀମାନେ ଏହାକୁ ଉପେକ୍ଷା କରୁଛନ୍ତି । ବାରମ୍ବାର ଖବରକାଗଜରେ ଏହି ସମସ୍ୟା ପ୍ରକାଶ ପାଇଥିଲେ ମଧ୍ୟ ଗଞ୍ଜାମ ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି । ପ୍ରକାଶ ଥାଉକି, ଗତ ବର୍ଷ ଅଗଷ୍ଟ ମାସରେ ଗଞ୍ଜାମ ଏନ୍‌ଏସି କର୍ତ୍ତୃପକ୍ଷ ରାସ୍ତାରେ ବୁଲୁଥିବା ଗାଈ ଓ ଗୋରୁ ଉଠାଇ ନେବା ପାଇଁ ଚିଠି ଜାରି କରି ସୂଚନା ଦେଇଥିଲେ । ତହସିଲଦାର, ଆଇଆଇସି ଓ ବରିଷ୍ଠ ନାଗରିକ ପରିଷଦ ସମେତ ଅନ୍ୟମାନଙ୍କୁ ଏହା ଜଣାଇ ଦିଆଯାଇଥିଲା । ଏଥିପାଇଁ ବିଭିନ୍ନ ସାହିରେ ମାଇକ୍ ଯୋଗେ ପ୍ରଚାର ମଧ୍ୟ କରାଯାଇଥିଲା । ସହରବାସୀ ଆଶା କରୁଥିଲେ ଯେ ଏହି ପଦକ୍ଷେପ କାର୍ଯ୍ୟକାରୀ ହେଲେ ସନ୍ଧ୍ୟା ସମୟରେ ହେଉଥିବା ଟ୍ରାଫିକ୍ ଜାମ୍ ଓ ଦୁର୍ଘଟଣା କିଛି ମାତ୍ରାରେ ହ୍ରାସ ପାଇବ । କିନ୍ତୁ ପରିସ୍ଥିତି ପୂର୍ବପରି ରହିଛି । ବୁଲା ଗାଈଗୋରୁମାନେ ରାସ୍ତା ମଝିରେ ଶୋଇ ରହୁଛନ୍ତି, ଆଉ ରାସ୍ତାଗୁଡ଼ିକ ଗୋବରରେ ଭର୍ତ୍ତି ହେଉଛି । ଏନ୍‌ଏସି କର୍ତ୍ତୃପକ୍ଷ ସହରବାସୀଙ୍କୁ କେବଳ ଆଶ୍ୱାସନା ଦେଇ ଭୁଆଁ ବୁଲାଇଥିବା ଅଭିଯୋଗ ଉଠୁଛି । ଗାଈ ଉଠାଇବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ଗାଡ଼ି ଓ ଡାଲା ପ୍ରସ୍ତୁତ କରାଯାଇଥିଲା । ଏହାସହ, କିଛି ବର୍ଷ ତଳେ କାଇଞ୍ଚପୁର ପଞ୍ଚାୟତର କଲ୍ୟାଣପୁର ନିକଟରେ ଏକ କାଞ୍ଜିଆହୁଦା ନିର୍ମାଣ କରାଯାଇଥିଲା । ବୁଲା ଗାଈଗୋରୁଙ୍କୁ ଧରି ସେଠାରେ ରଖାଯିବା ସହ ମାଲିକଙ୍କ ଠାରୁ ଏକ ହଜାର ଟଙ୍କା ଜରିମାନା ଆଦାୟ କରିବାର ବ୍ୟବସ୍ଥା ରହିଥିଲା । ଏହି ନିଷ୍ପତ୍ତି କାଉନସିଲ ବୈଠକରେ ଗୃହୀତ ହୋଇଥିଲା, କିନ୍ତୁ ଏହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ । ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ନିର୍ମିତ କାଞ୍ଜିଆହୁଦା ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଛି, ଆଉ ଗାଈ ଉଠା ଅଭିଯାନ ବିଫଳ ହୋଇଛି । ସ୍ଥାନୀୟ ଲୋକଙ୍କ ମତ ଅନୁଯାୟୀ, କେତେକ ଗାଈ ମାଲିକ କ୍ଷୀର ଦୁହିଁବା ପରେ ଗାଈଙ୍କୁ ରାସ୍ତାରେ ଛାଡ଼ି ଦେଉଛନ୍ତି, ଯାହା ଏହି ସମସ୍ୟାର ମୂଳ କାରଣ । ଏହାଦ୍ୱାରା ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏଣୁ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି । ଏଥିପ୍ରତି ଗୁରୁତ୍ୱ ଦେଲେ ଅକାରଣରେ ଘଟୁଥିବା ଦୁର୍ଘଟଣା ନିୟନ୍ତ୍ରଣ ହେବା ସହ ଗାଈ ଓ ଗୋରୁ ତଥା ଜନସାଧାରଣଙ୍କ ଜୀବନ ରକ୍ଷା ପାଇବ । ଦେଖାଯାଉ ଗଞ୍ଜାମ ଏନ୍‌ଏସି କେବେ ବୁଲା ଗାଈ ସ୍ଥାନାନ୍ତର ପ୍ରକ୍ରିୟାକୁ କାର୍ଯ୍ୟକାରୀ କରୁଛି, ନା ଏହା କେବଳ କାଗଜ କଲମରେ ସୀମିତ ରହିବ ।

# ସୁବର୍ଣ୍ଣପୁର ଜିଲ୍ଲାରେ ଫାଇଲେରିଆ ଓ ଡେଙ୍ଗୁ ନିରାକରଣ ପାଇଁ ଗୁରୁତ୍ୱ




**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ଫାଇଲେରିଆ ବା ବାତଜ୍ୱର ରୋଗର ନିରାକରଣ ୨୦୨୫ ପାଇଁ ସାମୁହିକ ଔଷଧ ସେବନ ନିମନ୍ତେ ଦ୍ୱିତୀୟ ଜିଲ୍ଲା ସମ୍ବନ୍ୱୟ କମିଟି ବୈଠକ ଓ ଡେଙ୍ଗୁ ନିରୋଧୀ ମାସ ୨୦୨୫ ପାଳନ ପାଇଁ ଅନ୍ତର୍ବିଭାଗିୟ ସମ୍ବନ୍ୱୟ ବୈଠକ ଯୁଗ୍ମ ଭାବରେ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ବୈଠକରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର, ପ୍ରଦୀପ କୁମାର ହୋତା, ଅନ୍ୟ ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ବୃନ୍ଦ, ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲା ଚିକିତ୍ସାଳୟ ଓ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକର ଅଧିକାରୀ/କର୍ମଚାରୀ ବୃନ୍ଦ, ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ, ଜିଲ୍ଲାର ବିଭିନ୍ନ ପୌରପାଳିକା ଓ ପୌର ପରିଷଦର ନିର୍ବାହୀ ଅଧିକାରୀ ବୃନ୍ଦ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଯୁଗ୍ମ ବୈଠକରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଭିଭିଡି. ସୁବର୍ଣ୍ଣପୁର, ତ୍ରିବିକ୍ରମ ପାଣ୍ଡିଆ ଫାଇଲେରିଆ ବା ବାତଜ୍ୱର ରୋଗର ନିରାକରଣ ୨୦୨୫ ସାମୁହିକ ଔଷଧ ସେବନ ବିଷୟରେ ଓ ଡେଙ୍ଗୁ ବିରୋଧୀ ମାସ ୨୦୨୫ ପାଳନ ପାଇଁ ଅନ୍ତର୍ବିଭାଗିୟ ସମନ୍ୱୟ ବିଷୟରେ ପିପିଟି ମାଧ୍ୟମ ବିଷୟରେ ବିଶଦ ଭାବରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ଯୁଗ୍ମ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଦୁଇଗୋଟି କାର୍ଯ୍ୟକ୍ରମ ଯଥା ଫାଇଲେରିଆ ବା ବାତଜ୍ୱର ରୋଗର ନିରାକରଣ ୨୦୨୫ ସାମୁହିକ ଔଷଧ ସେବନ ୧୦ ଅଗଷ୍ଟରୁ ୧୯ ଅଗଷ୍ଟ ୨୦୨୫ ଓ ଡେଙ୍ଗୁ ନିରୋଧୀ ମାସ ୨୦୨୫ ପାଳନ ପାଇଁ ନିଆଯାଇଥିବା ପ୍ରକ୍ ପ୍ରସ୍ତୁତି ଉପରେ ବିଶଦ ଭାବେ ଆଲୋଚନା କରିବା ସଙ୍ଗେ ସଙ୍ଗେ କରି ସଠିକ୍ ରୂପାୟନ ସମସ୍ତଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ।

# ଆଇପିଏଲକୁ ନେଇ ବଡ଼ ସଙ୍କେତ ଦେଲେ ମାହି

**ନୂଆଦିଲ୍ଲୀ**



ଚେନ୍ନାଇ ସୁପର କିଙ୍ଗ୍ସର ଗତ ଆଇପିଏଲ ସିଜିନ ବହୁତ ଖରାପ ପ୍ରଦର୍ଶନ କରିଥିଲା। ପ୍ରଥମେ ଋତୁରାଜ ଗାୟକ୍ୱାଡ ଏବଂ ତା'ପରେ ଏମଏସ ଧୋନି ଦଳର ଅଧିନାୟକ ଦାୟିତ୍ୱ ନେଇଥିଲେ କିନ୍ତୁ କିଛି ପରିବର୍ତ୍ତନ ହୋଇନଥିଲା, ସିଏସକେ ପଏଣ୍ଟ ଟେବୁଲର ସବୁଠାରୁ ତଳେ ରହିଥିଲା। ୧୪ ଲିଗ ମ୍ୟାଚ୍ ମଧ୍ୟରୁ କେବଳ ୪ଟି ଜିତିଥିଲା, ୧୦ଟି ହାରିଥିଲା। ଏମଏସ ଧୋନି ତାଙ୍କର ସଦ୍ୟତମ ବିବୃତ୍ତିରେ ସ୍ୱୀକାର କରିଛନ୍ତି ଯେ ତାଙ୍କ ଦଳରେ କିଛି ତ୍ରୁଟି ଥିଲା, ଯାହାକୁ ସିଏସକେ ଚିହ୍ନଟ କରିଛି। ସେ କହିଛନ୍ତି ଯେ ତାଙ୍କ ଦଳ ଆଗାମୀ ସଂସ୍କରଣ ପୂର୍ବରୁ ନିଲାମରେ ସେହି ତ୍ରୁଟିଗୁଡ଼ିକୁ ଦୂର କରିବାକୁ ଚେଷ୍ଟା କରିବ। ସେ ତାଙ୍କ ଫିଟନେସ୍ ବିଷୟରେ ମଧ୍ୟ କଥା ହୋଇଥିଲେ।

ନିକଟରେ ଧୋନି ଆଇପିଏଲକୁ ନେଇ କହିଛନ୍ତି, କିଛି ତ୍ରୁଟି ଥିଲା ଯାହାକୁ ଆମକୁ ଦୂର କରିବାକୁ ପଡ଼ିଲା। ଆମେ ଆମର ବ୍ୟାଟିଂ କ୍ରମ ବିଷୟରେ ଚିନ୍ତିତ ଥିଲୁ, କିନ୍ତୁ ଏବେ ମୁଁ ଭାବୁଛି ଉପରେ ବ୍ୟାଟିଂ କ୍ରମ ବହୁତ ସ୍ଥିର ହୋଇଯାଇଛି। ଋତୁରାଜ ଗାୟକ୍ୱାଡ଼ ମଧ୍ୟ ଫେରି ଆସିବେ, ତେଣୁ ଆମେ ବେଶ ପର୍ଯ୍ୟନ୍ତ ବହୁତ ବ୍ୟବସ୍ଥିତ ଅଛୁ।

ଧୋନି କହିଛନ୍ତି, ମୁଁ ଭାବୁଛି ଆମେ ଅଧିକାଂଶ ସମୟରେ କ'ଣ ଭୁଲ ହୋଇଛି ତାହା ଖୋଜିବାରେ ସଫଳ ହୋଇଛୁ। ଡିସେମ୍ବରରେ ଆଇପିଏଲର ଏକ ମିନି ନିଲାମ ହେବ, କିଛି ତ୍ରୁଟି ଅଛି ଏବଂ ଆମେ ସେଗୁଡ଼ିକୁ ଦୂର କରିବାକୁ ଚେଷ୍ଟା କରିବୁ। ଟୁର୍ଣ୍ଣାମେଣ୍ଟ ଆରମ୍ଭରେ ଆପଣଙ୍କୁ ଆପଣଙ୍କର ସର୍ବୋତ୍ତମ ଦେବାକୁ ପଡିବ, ଆପଣଙ୍କୁ ଏହାରି ଯୋଜନା କରିବାକୁ ପଡ଼ିବ। ଆପଣଙ୍କୁ ସମ୍ବଳଗୁଡ଼ିକୁ ଭଲ ଉପାୟରେ ବ୍ୟବହାର କରିବାକୁ ପଡ଼ିବ। ଆମେ ଅଧିକାଂଶ ଜିନିଷର ସମାଧାନ କରିବାକୁ ଏବଂ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ।"

ଗତ ୪-୫ ସିଜନ ଧରି, ଆଇପିଏଲରୁ ଧୋନିଙ୍କ ଅବସର ବିଷୟରେ କଳ୍ପନାଜଳ୍ପନା ଚାଲିଛି। କିନ୍ତୁ ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ମାହି ଏବେ ବି ବହୁତ ଫିଟ୍ ଅଛନ୍ତି ଏବଂ ଟୁର୍ଣ୍ଣାମେଣ୍ଟରେ ଖେଳୁଛନ୍ତି। ତାଙ୍କ ଫିଟନେସ୍ ବିଷୟରେ କଥା ହୋଇ ସେ ବ୍ୟଙ୍ଗ କରି କହିଥିଲେ ଯେ ସେ ଆଗାମୀ ୫ ବର୍ଷ ପାଇଁ କ୍ରିକେଟ ଖେଳିପାରିବେ।

# ଦ୍ୱିତୀୟ ଟି୨୦ : ଅନ୍ତିମ ବଲରେ ଚୌକା ମାରି ୱେଷ୍ଟଇଣ୍ଡିଜ୍‌କୁ ଜିତାଇଲେ ହୋଲ୍ଡର

**ଫ୍ଲୋରିଡ଼ା**



ପାକିସ୍ତାନ ବିପକ୍ଷରେ ଖେଳା ଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ୪ ଉଇକେଟ ନେବା ସହ ଅନ୍ତିମ ବଲରେ ଚୌକା ମାରି ଜାସନ ହୋଲ୍ଡର ୱେଷ୍ଟଇଣ୍ଡିଜ୍‌କୁ ଜିତାଇଛନ୍ତି। ପାକିସ୍ତାନର ୧୩୪ ରନର ଟାର୍ଗେଟକୁ ୱେଷ୍ଟଇଣ୍ଡିଜ ୮ ଉଇକେଟ ହରାଇ ଅନ୍ତିମ ବଲରେ ହାସଲ କରି ନେଇଥିଲା। ଟି୨୦ ଫର୍ମାଟରେ ଲଗାତର ୬ ପରାଜୟ ପରେ ଏହା ୱେଷ୍ଟଇଣ୍ଡିଜ୍ ଲାଗି ପ୍ରଥମ ବିଜୟ। ଏହି ବିଜୟ ଯୋଗୁ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଏବେ ୧-୧ରେ ବରାବର ରହିଛି। ଅଲରାଉଣ୍ଡ ପ୍ରଦର୍ଶନ ଲାଗି ହୋଲ୍ଡରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ସୋମବାର ସମାନ ଭେନ୍ୟୁରେ ଖେଳାଯିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୨୦ ଓଭରରେ ୯ ଉଇକେଟରେ ୧୩୩ ରନ କରିଥିଲା। ଦଳ ପାଇଁ ହାସନ ନୱାଜ ୪୦ (୧ ଚୌକା ଓ ୪ ଛକା), ଅଧିନାୟକ ସଲମାନ ଆଘା ୩୮ (୩ ଚୌକା ଓ ୧ ଛକା) ଓ ଫଖର ଜାମନ ୨୦ (୨ ଚୌକା) ରନ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ହୋଲ୍ଡର ୪ ଓ ଗୁଡାକେଶ ମୋତି ୨ ଉଇକେଟ ନେଇଥିଲେ।

ଜବାବରେ ୱେଷ୍ଟଇଣ୍ଡିଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯ ଓଭର ଶେଷ ସୁଦ୍ଧା ୭ ଉଇକେଟ ହରାଇ ୧୨୬ ରନ କରିଥିଲା। ଅନ୍ତିମ ଓଭର ପାକିସ୍ତାନ ପାଇଁ ବୋଲିଂ କରିଥିବା ସାହିନ ଶାହା ଆଫ୍ରିଦୀ ପ୍ରଥମ ୫ ବଲରେ ରୋମାରିଓ ଶେଫର୍ଡଙ୍କ ଉଇକେଟ ନେବା ସହ ୫ ରନ ଦେଇଥିଲେ। ଫଳରେ ୱେଷ୍ଟଇଣ୍ଡିଜ୍ ଜିତିବା ପାଇଁ ଅନ୍ତିମ ବଲରେ ୩ ରନ ଦରକାର କରୁଥିବା ବେଳେ ହୋଲ୍ଡର ଫାଇନ ଲେଗ୍ ଅଞ୍ଚଳରେ ଚୌକା ମାରିଥିଲେ। ଦଳ ଲାଗି ହୋଲ୍ଡର ୧୦ ବଲରେ ୧୬ (୧ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିବା ବେଳେ ମୋତି ୨୮ (୧ ଚୌକା ଓ ୨ ଛକା) ଓ ଅଧିନାୟକ ଶାଇ ହୋପ୍ ୨୧ (୨ ଚୌକା) ରନ କରି ଆଉଟ୍ ହୋଇଥିଲେ। ପାକିସ୍ତାନ ପାଇଁ ନୱାଜ ୩ ଓ ସ୍ୟାମ ଆୟୁବ ୨ ଉଇକେଟ ନେଇଥିଲେ।

# ଆଉ ଡବ୍ଲୁସିଏଲ୍ ଖେଳିବନି ପାକିସ୍ତାନ : ପିସିବି

**ନୂଆଦିଲ୍ଲୀ**

ପାକିସ୍ତାନ କ୍ରିକେଟ୍ ବୋର୍ଡର ବଡ଼ ନିଷ୍ପତ୍ତି। ଆଉ ଡବ୍ଲୁସିଏଲ୍ ଖେଳିବନି ପାକିସ୍ତାନ। ପାକିସ୍ତାନ କ୍ରିକେଟ୍ ବୋର୍ଡ ଭବିଷ୍ୟତରେ ବିଶ୍ୱ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ପାକିସ୍ତାନ କ୍ରିକେଟ୍ ବୋର୍ଡ ଘୋଷଣା କରିଛି ଯେ, ଭବିଷ୍ୟତରେ ବିଶ୍ୱ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍‌ରେ ଆଉ କେବେ ଅଂଶଗ୍ରହଣ କରିବ ନାହିଁ। ପାକିସ୍ତାନ କ୍ରିକେଟ୍‌ର ପରିଚାଳନା ସଂସ୍ଥା ଅନୁଯାୟୀ, ଭାରତ ଲିଜେଣ୍ଡସ୍ ପାକିସ୍ତାନ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରୁ ଓହରିଯିବା ନିଷ୍ପତ୍ତି ନେବା ପରେ ଡବ୍ଲୁସିଏଲର ବୟାନ ଓ କାର୍ଯ୍ୟରେ ସ୍ପଷ୍ଟ ପକ୍ଷପାତିତା ଏବଂ ଦୋହରା ମନୋଭାବ ଦେଖାଯାଇଥିଲା। ପିସିବି କହିଛି, ମ୍ୟାଚ୍‌ରୁ ଜାଣିଶୁଣି ଓହରି ଯାଇଥିବା ଦଳକୁ ପଏଣ୍ଟ ଦେବା ଏବଂ ଭାରତ ଓ ପାକିସ୍ତାନ ମଧ୍ୟରେ ଲିଜେଣ୍ଡସ୍ ମ୍ୟାଚ୍ ବାତିଲ କରିବା ସମ୍ପର୍କରେ ପ୍ରେସ୍ ବିଜ୍ଞପ୍ତି ଉଭୟ ପକ୍ଷପାତିତାପୂର୍ଣ୍ଣ ଓ କପଟତା ପରିପୂର୍ଣ୍ଣ ଥିଲା।

## ରୋମାଞ୍ଚକର ମୋଡ଼ରେ ୫ମ ଟେଷ୍ଟ

# ଇଂଲଣ୍ଡକୁ ଦରକାର ୩୫ ରନ, ଭାରତକୁ ଦରକାର ୪ ୱିକେଟ୍



**ଲଣ୍ଡନ**

ରୋମାଞ୍ଚକର ମୋଡ଼ରେ ପହଞ୍ଚିଛି ଓଭାଲ ଟେଷ୍ଟ। ଇଂଲଣ୍ଡକୁ ଜିତିବାକୁ ଆଉ ମାତ୍ର ୩୫ ରନ ଆବଶ୍ୟକ ହେଉଥିବାବେଳେ ଭାରତକୁ ଆଉ ୪ଟି ୱିକେଟ ନେବାକୁ ହେବ। ତେବେ ବର୍ଷା ଯୋଗୁଁ ରବିବାର ଦିନର ଖେଳ ସମାପ୍ତ ହୋଇଛି।

୩୭୪ ରନର ଲକ୍ଷ୍ୟ ନେଇ ଖେଳୁଥିବା ଇଂଲଣ୍ଡ ୧୦୬ରେ ୩ଟି ୱିକେଟ ହରାଇ ଅଡୁଆରେ ପଡ଼ିଥିବାବେଳେ ହ୍ୟାରି ବ୍ରୁକ୍ ଓ ଜୋ ରୁଟ୍‌ଙ୍କ ମଧ୍ୟରେ ହୋଇଥିବା ଏକ ବଡ଼ ଭାଗିଦାରୀ ଭାରତ ହାତରୁ ମ୍ୟାଚ ଛଡ଼ାଇନେଇଥିଲା। ଉଭୟ ବ୍ୟାଟ୍ସମ୍ୟାନ ଶତକ ଅର୍ଜନ କରିଥିଲେ। ତେବେ ପ୍ରଥମେ ବ୍ରୁକ, ତାପରେ ଜ୍ୟାକ୍ ବେଥେଲ ଓ ରୁଟ ଆଉଟ ହେବା ପରେ ମ୍ୟାଚର ମୋଡ଼ ବଦଳିବା ଆରମ୍ଭ କରିଥିଲା। ଭାରତୀୟ ବୋଲରମାନେ ପୁଣି ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କ ଉପରେ ଚାପ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ। ତେବେ ଖରାପ ଆଲୋକ ଓ ବର୍ଷା କାରଣରୁ ଅମ୍ପାୟାର ରବିବାରର ଖେଳ ସମାପ୍ତି ଘୋଷଣା କରିଥିଲେ। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୩ଟି ୱିକେଟ ନେଇଥିବାବେଳେ ମହମ୍ମଦ ସିରାଜ ୨ଟି ଉକେଟ ଓ ଆକାଶ ଦୀପ ଗୋଟିଏ ୱିକେଟ ନେଇଛନ୍ତି।

# ଦ୍ୱିଦିବସୀୟ ଆଞ୍ଚଳିକ ଖୋ ଖୋ ପ୍ରତିଯୋଗିତା ଉଦ୍‌ଘାଟିତ




**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ସିଆଇଏସସିଇ ପରିଚାଳିତ ଆଞ୍ଚଳିକ ଖୋ ଖୋ ବାଳିକା ପ୍ରତିଯୋଗିତା ହମିରପୁର ସ୍କୁଲ ପଡ଼ିଆ ଠାରେ ଆରମ୍ଭ ହୋଇଛି। ହମିରପୁର ସ୍ଥିତ କାର୍ମେଲ ସ୍କୁଲର ଅଧକ୍ଷା ସିଷ୍ଟର ଫେଡିଲେସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଏହି ଖେଳ ମାଧ୍ୟମରେ ଭାଇଚାରା ସୌହାର୍ଦ୍ଧପୂର୍ଣ୍ଣ ବାତାବରଣ ଓ ଐକ୍ୟବଦ୍ଧତା ସୃଷ୍ଟି କରେ ବୋଲି ମତ ରଖିଥିଲେ। ସେହିପରି ଖେଳରେ ହାରଜିତ୍ ଥାଏ। ତେବେ ହାରିବା ଖେଳାଳି ନିଜର ଖେଳ ମାଧ୍ୟମରେ ଖେଳୁଆଡ ମନୋବୃତ୍ତି ଦେଖାଇ ଆଗକୁ ବଢି ସମସ୍ତଙ୍କ ହୃଦୟକୁ ଜିତିଥାଏ ବୋଲି ସେ ମତ ରଖି କାର୍ମେଲ ସ୍କୁଲର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା କିପରି ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖେ ତାହାର ଏହା ଏକ ଉଦାହରଣ ବୋଲି ମତ ରଖିଥିଲେ। ସୂଚନାଯୋଗ୍ୟ ଯେ ଏହି ଦ୍ୱିଦିବସୀୟ ଖୋଖୋ ପ୍ରତିଯୋଗିତାରେ ରାଜ୍ୟର ବ୍ରହ୍ମପୁର, ବାଲେଶ୍ୱର,କଟକ, ଢେଙ୍କାନାଳ, ବଲାଙ୍ଗୀର, ଝାରସୁଗୁଡ଼ା, ରାୟଗଡ଼ା ଓ ରାଉରକେଲାର ବିଭିନ୍ନ ବିଦ୍ୟାଳୟରୁ ୧୯୨ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଫାଦର ରାଜକୁମାର, ସିଷ୍ଟର ଜୟସିଲିଆ,ଏସପିଏଲ ଆକାଂକ୍ଷା ବିଲୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ତରଫରୁ ପ୍ରାର୍ଥନା ଓ ସ୍ୱାଗତ ସଂଗୀତ ସହ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ସମସ୍ତ ରେଫ୍ରିମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ରାୟ ସମ୍ମାନିତ କରିଥିଲେ। ଶେଷରେ ପ୍ରତିମା ଚାଟାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଷ୍ଟର ସିଜା, ଅନିତା ଫ୍ରାନ୍ସିସ, ଉପସଭାପତି ଆର ମିଲିଆନ, ଆନ୍ନା ସୁଷମା, କୌଶିକ ଦାସ, ମୋନାଲିସା ମିଶ୍ର, ଜୟଶ୍ରୀ ମିଶ୍ର, ରୁବି ରାୟ, ଇନ୍ଦିରା ନାୟକ, ଧର୍ମେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁର ପୋକ୍ସୋ କୋଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ଏଥିରେ ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟ ନଗର ଥାନା କେସ ନମ୍ବର -୭୮୨/୨୫ରେ ବଡ଼ ମହୁରୀ ଗ୍ରାମର ଖଦାନ ସାହିରେ ଏକ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ହୋଇଥିଲା। ଅଭିଯୋଗ ପ୍ରକାରେ ଘଟଣାଟି ତା:୦୮/୧୧/୨୪ ରେ ଘଟିଥିବା ବେଳେ, ତା:୦୯/୧୧/୨୪ ପୀଡ଼ିତାଙ୍କ ମାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଶ୍ରଧାପୁର ଗ୍ରାମର ପ୍ରଭାସ ନାହାକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନାବାଳିକାଙ୍କ ପାଇଁ ନାରାୟଣ ପଣ୍ଡା ମକଦ୍ଦମାକୁ ପରିଚାଳିତ କରୁଥିବା ବେଳେ, ପ୍ରଭାସ ନାହାକଙ୍କ ତରଫରୁ ଓକିଲ ଗୋବିନ୍ଦ ଚନ୍ଦ୍ର ପଣ୍ଡା ଏବଂ ସହଯୋଗୀ ମକଦ୍ଦମା ଲଢୁଥିଲେ। ସମସ୍ତ ୫ ଜଣଙ୍କ ସାକ୍ଷ ଗ୍ରହଣ ପରେ ପୋକ୍ସୋ ଅଦାଲତ ପ୍ରଭାସ ନାହାକଙ୍କୁ ନିର୍ଦ୍ଦୋଷରେ ଖଲାସ ଘୋଷଣା କରିଛନ୍ତି।

# 'ସାହାଣୀ କପ' ଏକ ସ୍ମୃତିଗତ ଏବଂ ଐତିହାସିକ ଅଭିଯାନ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର/କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**




କେନ୍ଦୁଝର ଜିଲ୍ଲା ଷ୍ଟାଡିୟମ ଠାରେ କଟକ ଓ ସମ୍ବଲପୁର ମଧ୍ୟରେ ହେଉଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିଅନସିପ ସାହାଣୀ କପ ୨୦୨୫ ଉଦ୍‌ଯାପିତ ହୋଇଛି। ଏଥିର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ 'ସାହାଣୀ କପ'କୁ ଏକ ସ୍ମୃତିଗତ ଏବଂ ଐତିହାସିକ ଅଭିଯାନ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଏହି 'ସାହାଣୀ କପ' ନାମଟି କେବଳ ଜୟ ବା ପରାଜୟ ସହିତ ନୁହେଁ, ବରଂ ଶ୍ରମ, ସଂଘର୍ଷ, ଏବଂ ଦଳୀୟ ଆତ୍ମାର ସମ୍ମିଳିତ ପରିଣାମ। କଟକ ଓ ସମ୍ବଲପୁର ଜିଲ୍ଲା ମଧ୍ୟରେ ଅନୁଷ୍ଠିତ ହେଉଥିବା ଏହି ଫାଇନାଲ କେବଳ ଏହି ଫୁଟବଲ ଗ୍ରାଉଣ୍ଡରେ ସୀମିତ ହୋଇ ରହିନାହିଁ। ଏହି ପ୍ରତିଯୋଗିତା କେବଳ ଆମର ଯୁବ ଖେଳାଳିମାନଙ୍କର ଅବିଶ୍ୱସନୀୟ ପ୍ରତିଭା ଏବଂ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁନାହିଁ ବରଂ ଆମ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଏବଂ ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଆମର ସାମୂହିକ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରୁଛି। ସାହାଣୀ କପର ଏହି ୬୪ ବର୍ଷର ଯାତ୍ରା ଆମ ରାଜ୍ୟର ଖେଳ ପ୍ରତି ଅଗାଧ ଭଲପାଇବା, ସଂଘଟିତ ଚେଷ୍ଟା ଓ ଯୁବ ଶକ୍ତିର ଜ୍ୱଳନ୍ତ ଉଦାହରଣ। ଏହି ପ୍ରତିଯୋଗିତା ଦ୍ୱାରା ବହୁତ ଅନୁଭବୀ ଓ ଉଦୀୟମାନ ଖେଳାଳି ରାଜ୍ୟ ଓ ଜାତୀୟ ସ୍ତରରେ ପରିଚିତି ହାସଲ କରିଛନ୍ତି। ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ନିମନ୍ତେ ୩୧୪ ଟି ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ୪ ହଜାର ୧୨୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି ଏବଂ ବ୍ଲକସ୍ତରୀୟ ଷ୍ଟାଡିୟମ ସମୂହର ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ ହୋଇଛି। ଦୁଃସାହସିକ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାକୁ, ମନାଲିରେ ଆୟୋଜିତ ଶୀତକାଳୀନ ଦୁଃସାହସିକ କ୍ରୀଡ଼ା ଶିବିରରେ ୧୦୦ରୁ ଅଧିକ ଯୁବ ପ୍ରତିଭାଙ୍କ ଅଂଶଗ୍ରହଣ ଆମ ପାଇଁ ନିଶ୍ଚିତ ଭାବେ ଗୌରବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ପୁଣି କହିଥିଲେ ଯେ, କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ଭାବେ ବିକଶିତ କରାଯିବା ସହ ସାରା ରାଜ୍ୟରେ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଉଛି। ତୃଣମୂଳ ସ୍ତରରୁ ପ୍ରତିଭାକୁ ଚିହ୍ନଟ ଓ ପ୍ରୋତ୍ସାହନ ଏବଂ ରାଜ୍ୟ ଫୁଟବଲ୍ ଦଳ ଗଠନ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଟ୍ରଫି ୧୫ ବର୍ଷରୁ କମ୍ ଫୁଟବଲ୍ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ରାଜ୍ୟ ସରକାର ରାଜ୍ୟରେ କ୍ରୀଡ଼ାର ଉନ୍ନତି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। କ୍ରୀଡ଼ାକୁ ଯୁବସମାଜର ଜୀବନ ଶୈଳୀର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ପାଇଁ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ଫାଇନାଲ ମ୍ୟାଚରେ କଟକ ଟିମ ବିଜୟୀ ହୋଇଥିଲା। ମୁଖ୍ୟମନ୍ତ୍ରୀ ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏହି ସହିତ ଶହୀଦ ରାଜକିଶୋର ମୁଣ୍ଡାଙ୍କ ପତ୍ନୀ ସୁନିତା ମୁଣ୍ଡାଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଡକ୍ଟର ଫକୀର ମୋହନ ନାଏକ, ଝାରସୁଗୁଡା ବିଧାୟକ ତଥା ଓଡ଼ିଶା ଫୁଟବଲ ସଂଘର ସଭାପତି ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ, ବିଶାଲ ସିଂହ, ଓଡ଼ିଶା ଅଲମ୍ପିକ ଆସୋସିଏସନର ସାଧାରଣ ସମ୍ପାଦକ ଅଭିଜିତ ପାଲଏବଂ ସାହାଣୀ କପ୍‌ର ସଂଯୋଜକ, ଜିଲ୍ଲା ଜିଲ୍ଲା ଆଥଲେଟିକ ସଂଘର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ତ ସରକାରୀ କାର୍ଯ୍ୟାଳୟରେ ଡିଜିଟାଲ ମୋଡ୍‌ରେ ହେବ କାମ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏଣିକି ଆଉ କାଗଜ ଫାଇଲ ଦେଖିବାକୁ ମିଳିବ ନାହିଁ। ଡିଜିଟାଲ ମୋଡ୍‌ରେ କାର୍ଯ୍ୟ କରିବ ଜିଲ୍ଲାର ସମସ୍ତ କାଯ୍ୟାଳୟ। ବ୍ଲକ ଠାରୁ ଜିଲ୍ଲା କାଯ୍ୟାଳୟ ପର୍ଯ୍ୟନ୍ତ ଏହି ଡିଜିଟାଲ ବ୍ୟବସ୍ଥା ଲାଗୁ ହୋଇଛି। ଏହାକୁ ଓସ୍ୱାସ (ଓଡ଼ିଶା ଷ୍ଟେଟ ୱାର୍କ ଫ୍ଲୋ ଅଟୋମେସନ ସିଷ୍ଟମ) କୁହାଯାଏ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସମସ୍ତ ଜିଲ୍ଲା ଏବଂ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କୁ ଏଣିକି ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ହେବ ଏବଂ ସାଧାରଣ ଜନତା ଏଥିରୁ ଉପକୃତ ହେବା ସହିତ ପ୍ରଶାସନିକ ସ୍ୱଚ୍ଛତା ଏହାଦ୍ୱାରା ପ୍ରତିପାଦିତ ହେବ ବୋଲି କୁହାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓକାକ୍‌ର ଡମେନ ଆଡ଼ଭାଇଜର ସତ୍ୟ ରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନାଙ୍କ ସମେତ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମାତିଛନ୍ତି ବାଲି ଲୁଟେରା

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ରାତ୍ରୀ ସମୟରେ ବାଲି ମାଫିଆମାନେ ଦିଗପହଣ୍ଡି ବ୍ଲକ ଅଧିନସ୍ଥ ଧାନରାଶି ଗ୍ରାମ ନିକଟରେ ଥିବା ବାହୁଦା ନଦୀରୁ ୨ଟି ହିଟାଚି ମେସିନ ଲଗାଇ ବେଧଡ଼କ ଭାବେ ବାଲି ଉଠଉଛନ୍ତି। ଯାହାକି କେ. ନୂଆଗାଁ ଥାନା ଅଧୀନରେ ଯାଉଛି। ଅସହ୍ୟ ଗରମ ଓ ଗୁଳିଗୁଳି ସାଙ୍ଗକୁ ବାଲି ବୋଝେଇ ହାଇୱା ଟ୍ରକ୍‌ଗୁଡ଼ିକର ଗର୍ଜନ ଯୋଗୁଁ ଲୋକମାନେ ଶାନ୍ତିରେ ଶୋଇପାରୁନାହାନ୍ତି। ଏନେଇ ପ୍ରଶାସନ ଓ ପୁଲିସ ଧ୍ୟାନ ଦେଇ ରାଜସ୍ୱ ଲୁଟ୍ ରୋକିବେ ବୋଲି ସାଧାରଣ ଲୋକଙ୍କ ପକ୍ଷରୁ ଦାବି ହେଉଛି।

# ଏଫଏମରେ ବିଶ୍ୱବିଦ୍ୟାଳୟର ହେବ ସାନିଟାରୀ ପ୍ୟାଡ୍ ଉତ୍ପାଦନ ୟୁନିଟ୍

**ବାଲେଶ୍ୱର, ନ୍ୟୁଜ୍**

ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ଇମାମି ପେପର ମିଲ୍ସ ଲିମିଟେଡ଼ ମଧ୍ୟରେ ଏକ ନୂତନ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି।

ଏହି ବୁଝାମଣାପତ୍ର ସ୍ୱାକ୍ଷରର ମୁଖ୍ୟ ଉଦ୍ଦେଶ୍ୟ ଭାବେ, ବିଶ୍ୱ-ବିଦ୍ୟାଳୟ ପ୍ରଶାସନିକ କାର୍ଯ୍ୟାଳୟ ପରିସର ମଧ୍ୟରେ ଏକ ସାନିଟାରୀ ପ୍ୟାଡ୍ ଉତ୍ପାଦନ ୟୁନିଟ୍‌କୁ ଆନୁଷ୍ଠାନିକ ଭାବେ ଆରମ୍ଭ କରାଯିବା ନେଇ ସ୍ଥିରୀକୃତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ବୈଠକରେ ବିଶ୍ୱବିଦ୍ୟାଳୟର ଓ ଇମାମି ପେପର ମିଲ୍ସ ଲିମିଟେଡ୍‌ର ଅଧିକାରୀ ମାନଙ୍କ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ପ୍ରସ୍ତୁତ ହୋଇଥିବା ଏଥି ସଂପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକୁ ସବିଶେଷ ଆଲୋଚନା କରାଯାଇଥିଲା।

ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀ, ଇମାମି ପେପର ମିଲ୍ସ ଲିମିଟେଡ୍‌ର ଅଧିକାରୀମାନଙ୍କୁ ଏହି ଅଭିନବ ପଦକ୍ଷେପ ଗ୍ରହଣ ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଚୟନ କରାଯାଇଥିବା ନେଇ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ପ୍ରକଳ୍ପ ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକ୍ଷମ ହେବା ନେଇ ଖୁସିବ୍ୟକ୍ତ କରିବାସହ ଏହା ଏକ ସମୁଦାୟମୁଖୀ ଓ ଛାତ୍ର-ନେତୃତ୍ୱ ଭିତ୍ତିକ ସାମାଜିକ ଉଦ୍ୟମ ରୂପେ ପ୍ରଭାବଯୁକ୍ତ ହୋଇପାରିବ ବୋଲି ଉଲ୍ଲେଖ କରିଥିଲେ। ଇମାମି ପକ୍ଷରୁ ବରିଷ୍ଠ ଅଧକ୍ଷ ଆଶିଷ ଅବିନାଶ ଗୁପ୍ତା, ଡକ୍ଟର ୟୁସୁଫ ଅଲି ସୋଲଙ୍କି (ଜିଏମ୍-ମାନବ ସମ୍ବଳ) ଓ ଏମ୍. କେ. ପାଢୀ (ଏଜିଏମ- ଲୋକ ସମ୍ପର୍କ ବିଭାଗ) ପ୍ରମୁଖ ଉପସ୍ଥିତ ଥିଲେ। କୁଳସଚିବ କୁକୁମୀନା ଦାସ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ପ୍ରମୁଖ ଉପସ୍ଥିତ ହୋଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ପ୍ରକଳ୍ପର ସମନ୍ୱୟକ ଭାବେ ବିଶ୍ୱବିଦ୍ୟାଳୟ ଟିବିଆଇର ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାରହୀ ଓ ଟିବିଆଇର ର ସିଓଓ ଶ୍ରୀ ସୁନେନ୍ଦୁ ନାୟକ ନିୟୋଜିତ ରହିଛନ୍ତି। ଏହି ପ୍ରୟାସ ଏକ ମହତ୍ତ୍ୱପୂର୍ଣ୍ଣ ଅଗ୍ରଗତି ରୂପେ ଗ୍ରହଣ କରାଯାଉଛି। ଏଥିରେ ଏକ ପକ୍ଷରେ ସ୍ଥାନୀୟ ଗ୍ରାମ୍ୟ ଓ ଛାତ୍ରୀମାନଙ୍କୁ ଯଥାର୍ଥ ଦରରେ ଗୁଣବତ୍ତାପୂର୍ଣ୍ଣ ସାନିଟାରୀ ପ୍ୟାଡ୍ ଉପଲବ୍ଧ କରାଯିବାର ଲକ୍ଷ୍ୟ ରଖାଯାଇଛି।

ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କୁ ବ୍ୟବସାୟିକ ଓ ସାମାଜିକ ଦାୟିତ୍ୱ ନେଇ ପ୍ରାୟୋଗିକ ଅନୁଭବ ମିଳିବାର ଆଶାପୋଷଣ କରାଯାଇଛି। ଏହା ମହିଳା ଓ ଛାତ୍ରୀମାନଙ୍କୁ ସ୍ୱଚ୍ଛତା ସମ୍ପର୍କିତ ଆବଶ୍ୟକୀୟ ଉତ୍ପାଦରେ ସହଜ ପ୍ରବେଶ ଦେଇ ସଶକ୍ତ କରିବା ସହିତ ଗଢ଼ି ଉଠୁଥିବା ପିଢ଼ୀକୁ ଦୀର୍ଘକାଳୀନ ଓ ସକାରାତ୍ମକ ପରିବର୍ତ୍ତନ ଆଣିବା ଦକ୍ଷତା ଦେବାକୁ ଲକ୍ଷ୍ୟ ରଖିଛି ବୋଲି ଡକ୍ଟର ୟୁସୁଫ ଅଲି ସୋଲଙ୍କି ମତବ୍ୟକ୍ତ କରିଥିଲେ।

ପ୍ରକଳ୍ପର କାର୍ଯ୍ୟକ୍ଷମ ନେଇ ଅନ୍ୟାନ୍ୟ ବିଷୟଗୁଡ଼ିକର ପର୍ଯ୍ୟବେକ୍ଷଣ ଅତିଶୀଘ୍ର ଶେଷ ହେବ ବୋଲି ପ୍ରଫେସର ପଙ୍କଜ କୁମାର ପାରହୀ ସୂଚୀତ କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଦର ମହକୁମା ସ୍ଥିତ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ଠାରେ ଶନିବାର ପୂର୍ବାହ୍ନରେ ବରିଷ୍ଠ ନାଗରିକମାନଙ୍କ ପରିଚୟ ପତ୍ର ବଣ୍ଟନ ତଥା ଭାରତୀୟ ନ୍ୟାୟ ସଂହିତା-୨୦୨୩ ସଂଶୋଧନ ସଂପର୍କୀତ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ମୁଖ୍ୟ ଅତିଥି, ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ ସମ୍ମାନିତ ଅତିଥି, ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ପାଢ଼ୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କୁ ସଭାପତିଙ୍କ ଦ୍ୱାରା ଉପଢୌକନ ଓ ଫୁଲତୋଡ଼ା ସହିତ ସମ୍ବର୍ଦ୍ଧିତ କରାଯିବା ପରେ ଆନୁଷ୍ଠାନିକ ଭାବରେ ଅନୁଷ୍ଠାନ ର କୋଷାଧ୍ୟକ୍ଷ ଦୟାନିଧି ହୋତା ସ୍ୱାଗତ ଜଣାଇଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା ସଂପର୍କରେ ଆଲୋଚନା କରିଥିଲେ। ପରେ ପରେ ତାଙ୍କ ଦ୍ୱାରା ୪୦ ଜଣ ସଦସ୍ୟ ସଦସ୍ୟାଙ୍କୁ ପରିଚୟ ପତ୍ର ବଣ୍ଟନ କରା ଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଂଯୋଜନା କରିଥିବା ବେଳେ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସଂପାଦକ ସନ୍ତୋଷ ଷଡ଼ଙ୍ଗୀ, ଚମରା ମହାକୁର, ଦିଲ୍ଲିପ ମିଶ୍ର, ବାସୁଦେବ ପଣ୍ଡା, ତ୍ରିନାଥ ମିଶ୍ର, ଅକ୍ଷୟ ମିଶ୍ର, ଶ୍ୟାମସୁନ୍ଦର ସେଠୀ, ଅକ୍ରୁର ଚରଣ ଦନ୍ତା, ନାରାୟଣ ପ୍ରସାଦ ନାୟକ, ଗୋପୀନାଥ ମହାକୁର, ବଳରାମ କାଣ୍ଡ, ଦିଲ୍ଲିପ ତ୍ରିପାଠୀ, ନରେନ୍ଦ୍ର ସାହୁ, ନିତ୍ୟାନନ୍ଦ ତ୍ରିପାଠୀ, ରତ୍ନା ମହାକୁର, ସୁରୁ ସାହୁ, ଜୀତେନ୍ଦ୍ର ପ୍ରଧାନ, ନିରଞ୍ଜନ ସେଠୀ, ଜୟଦେବ ସାହୁ, କୃଷ୍ଣ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସହଯୋଗ କରାଥିଲେ।

# ଗଞ୍ଜାମରେ ୪ଟି ଡ୍ୟାମ୍‌ରେ ୨୫% କମ୍ ପାଣି : ସ୍ଥିତି ହେବ ଜଟିଳ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ମୌସୁମୀ ଆସିବା ପରଠାରୁ ରାଜ୍ୟରେ ବର୍ଷା ଜାରି ରହିଛି। ଏହିକ୍ରମରେ ଗଞ୍ଜାମ ଜିଲ୍ଲାରେ ମଧ୍ୟ ବିଭିନ୍ନ ସମୟରେ ବର୍ଷା ହେଉଛି। କିନ୍ତୁ ଏଠାକାର ଜଳଭଣ୍ଡାର ଗୁଡ଼ିକର ପେଟ ପୁରୁନି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ପରିଲକ୍ଷିତ ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲାର ଅବସ୍ଥା ଜଟିଳ ସ୍ଥିତିରେ ରହିଛି। ଆଶାନୁରୂପ ଜଳସେଚନର ବ୍ୟବସ୍ଥା ନଥିବା ସ୍ଥଳେ ଜଳଭଣ୍ଡାରଗୁଡ଼ିକ ମଧ୍ୟ ପୂର୍ଣ୍ଣ ନହେବା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ରାଜ୍ୟର ପ୍ରମୁଖ ଜିଲ୍ଲା ଭାବେ ଏହା ପରିଚିତ ଥିବା ବେଳେ କୃଷି ଏଠାକାର ମୁଖ୍ୟ ବେଉସା। କିନ୍ତୁ କୃଷି ଓ କୃଷକଙ୍କ ଲାଗି ଉର୍ଦ୍ଦିଷ୍ଟ ଏହି ଏଠାକାର ଜଳଭଣ୍ଡାର ସ୍ଥିତି ଚିନ୍ତାର କାରଣ ହୋଇଛି। ମୁଖ୍ୟତଃ ମୂଳ ରେଞ୍ଜରେ ବର୍ଷା ହେଉନଥିବା ଯୋଗୁଁ ଜିଲ୍ଲାର ୪ଟି ଜଳଭଣ୍ଡାରରେ ୨୫ ପ୍ରତିଶତରୁ କମ୍ ପାଣି ରହିଥିବା ଦେଖିବାକୁ ମିଳିଛି। ବିଗତ ବର୍ଷ ଗୁଡ଼ିକରେ ଗଞ୍ଜାମର ଜଳଭଣ୍ଡାର ସ୍ଥିତି ବେଶ୍ ଉଦ୍‌ବେଗଜନକ ଥିଲା। ଏପରିକି କିଛି ଡ୍ୟାମ୍‌ରେ ପିଲାମାନେ କ୍ରିକେଟ୍ ମଧ୍ୟ ଖେଳୁଥିଲେ। ଚଳିତବର୍ଷ ମୌସୁମୀ ଶୀଘ୍ର ଆସିବା କାରଣରୁ ଜଳଭଣ୍ଡାର ଗୁଡ଼ିକ ପୂର୍ବସ୍ଥିତିକୁ ଫେରିଆସିବ ବୋଲି ଆଶା କରାଯାଇଥିଲା। କିନ୍ତୁ ଗୋଟିଏ ଦୁଇଟି ଜଳଭଣ୍ଡାର ବ୍ୟତୀତ ଅନ୍ୟ ସମସ୍ତ ଡ୍ୟାମ୍‌ରେ ସଂରକ୍ଷିତ ଜଳର ସ୍ଥିତିକୁ ଦେଖିଲେ ଆଶ୍ଚର୍ଯ୍ୟାନ୍ୱିତ ହେଉଛନ୍ତି ଚାଷୀ। ମିଳିଥିବା ସୂଚନା ପ୍ରକାରେ ଭଞ୍ଜନଗର ଡ୍ୟାମ୍‌ରେ ୪୪ ପ୍ରତିଶତ ପାଣି ରହିଥିବା ବେଳେ ସୋରଡ଼ା ଡ୍ୟାମ୍‌ରେ ୪୬ ପ୍ରତିଶତ, ଡହରେ ୪୮ ପ୍ରତିଶତ, ବାଘୁଆରେ ୨୧ ପ୍ରତିଶତ, ଧନେଇରେ ୮୫ ପ୍ରତିଶତ, ଘୋଡ଼ାହାଡ଼ ଡ୍ୟାମ୍‌ରେ ୨୪ ପ୍ରତିଶତ, ବାଘଲଟି ଡ୍ୟାମ୍‌ରେ ୨୨ ପ୍ରତିଶତ ଓ ଘଟକେଶ୍ୱର ପ୍ରକଳ୍ପରେ ୧୧ ପ୍ରତିଶତ ପାଣି ରହିଛି। ସମ୍ପ୍ରତି କିଛି ବ୍ଲକ୍‌ରେ ଧାନ ରୁଆ ଆରମ୍ଭ ହୋଇଥିବାରୁ ବିଭିନ୍ନ ଜଳଭଣ୍ଡାରରୁ ପାଣି ଛଡ଼ା ଯାଇଥିବା ସୂଚନା ମିଳିଛି। ଆଗାମୀ ଦିନରେ ଅନୁକୂଳ ଚାଷ କାର୍ଯ୍ୟ ଲାଗି ବର୍ଷାର ଅଭାବ ଦେଖାଦିଏ ତେବେ ଜଳଭଣ୍ଡାର ଗୁଡ଼ିକ ଖାଲି ହୋଇଯିବ ନିଶ୍ଚୟ। ପରେ ଜିଲ୍ଲାରେ ଜଟିଳ ସ୍ଥିତି ଉପୁଯିବ ବୋଲି ଅଗ୍ରଣୀ ଚାଷୀମାନେ କହିଛନ୍ତି। ମୂଳ ରେଞ୍ଜରେ ଓ ଆବଶ୍ୟକ ପରିମାଣରେ ବର୍ଷା ନହେବା କାରଣରୁ ଜଳଭଣ୍ଡାର ଗୁଡ଼ିକରେ ସମ୍ପୂର୍ଣ୍ଣ ପରିମାଣରେ ପାଣି ପୁରୁନାହିଁ। ଏ ଦିଗରେ ଅନେକ ତର୍ଜମା ଓ ଆଲୋଚନା ଜାରି ରହିଥିବା ବେଳେ ପାଣି ଆସୁଥିବା ନଦୀ ବା ନାଳର ସ୍ଥିତାବସ୍ଥା ଉପରେ ଦୃଷ୍ଟି ଦେବାକୁ ଦାବି ହୋଇଛି। ଅପରପକ୍ଷେ ଘୋଡ଼ାହାଡ଼ ଓ ବାଘଲଟି ଜଳଭଣ୍ଡାରରେ ବିଗତ ଦୁଇ ବର୍ଷ ହେବ ସ୍ଥିତି ବେଶ ଚିନ୍ତାଜନକ ସ୍ଥିତିରେ ରହିଛି। ଏଠାରୁ ଅନେକ ଅଞ୍ଚଳକୁ ପାନୀୟଜଳ ଯୋଗାଣ ଲାଗି ସରକାର ଉଦ୍ୟମ ମଧ୍ୟ କରୁଛନ୍ତି। କିନ୍ତୁ ଆବଶ୍ୟକ ପରିମାଣରେ ବର୍ଷା ନ ହେବା ଓ ପାଣି ପରିପୂର୍ଣ୍ଣ ହେଉନଥିବା ଯୋଗୁଁ ଏହି ପ୍ରକଳ୍ପ ଗୁଡ଼ିକ କେତେଦୂର ସଫଳ ହେବ ସେନେଇ ଆଶଙ୍କା ସୃଷ୍ଟି ହୋଇଛି। ଆଗାମୀ ଦିନରେ ଯଦି ମୂଳ ରେଞ୍ଜରେ ବର୍ଷା ନହୁଏ ଏହି ଡ୍ୟାମ୍‌ଗୁଡ଼ିକ ପୂର୍ବପରି ଶୁଖିଲା ସ୍ଥିତିରେ ରହିବା ଏପ୍ରକାର ଥୟ ହୋଇଛି। ଏଥିଦ୍ୱାରା ଭୂତଳ ଜଳସ୍ତର ଓ ରବି ଚାଷ ମଧ୍ୟ ପ୍ରଭାବିତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।





## କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କୁ ପ୍ରଥମ ବିଶ୍ୱଭୂଷଣ ହରିଚନ୍ଦନ ସମ୍ମାନ

# ବିଶ୍ୱଭୂଷଣ ହରିଚନ୍ଦନ ଥିଲେ ଅବିସ୍ମରଣୀୟ ପ୍ରତିଭାର ଅଧିକାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ଜନାଦୃତ, ନାଟ୍ୟକାର, ସ୍ତମ୍ଭକାର, ପ୍ରାକ୍ତନ ମନ୍ତ୍ରୀ, ପୂର୍ବତନ ଆନ୍ଧ୍ର ଓ ଛତିଶଗଡ଼ ରାଜ୍ୟର ରାଜ୍ୟପାଳ ତଥା ବହୁମୁଖୀ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ବରେନ୍ୟ ବିଶ୍ୱ ଭୂଷଣ ହରିଚନ୍ଦନଙ୍କ ୯୨ ତମ ଜନ୍ମ ଦିବସ ସହିତ ପ୍ରଥମ ବିଶ୍ୱଭୂଷଣ ହରିଚନ୍ଦନ ସମ୍ମାନ ୨୦୨୫ ସ୍ଥାନୀୟ ଖାରବେଳ ନଗର ଠାରେ ବରିଷ୍ଠ ସାମ୍ବାଦିକ, ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନା ଓ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାନ୍ୟବର ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମାନ୍ୟବର ମନ୍ତ୍ରୀ ସୁରେଶ ପୂଜାରୀ,କେନ୍ଦ୍ରାପଡ଼ାର ମାନ୍ୟବର ବିଧାୟକ ଗଣେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗାନ୍ଧୀବାଦୀ ବ୍ୟକ୍ତିତ୍ୱ, ସ୍ତମ୍ଭକାର ପ୍ରହଲ୍ଲାଦ ସିଂ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭାଷାବିତ ଦେବୀପ୍ରସାଦ ପୃଷ୍ଟି, ନାରୀନେତ୍ରୀ ସୀମନ୍ତିନୀ ଜେନା,ପୂଜ୍ୟପୂଜା ପ୍ରାଣ



ସମରେନ୍ଦ୍ର ସାହୁ, ପୂର୍ବତନ କର୍ପୋରେଟର ରଶ୍ମି ମହାପାତ୍ର ଉପସ୍ଥିତ ରହିବା ସହିତ ବରେନ୍ୟ ବିଶ୍ୱ ଭୂଷଣ ହରିଚନ୍ଦନଙ୍କ ବହୁମୁଖି ପ୍ରତିଭା ସମ୍ପର୍କ ରେ ଆଲୋକପାତ କରିଥିଲେ । ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ମାନ୍ୟତା ଦେବା, ନିଜ ଲେଖା ମାଧ୍ୟମରେ ସାଧାରଣ ଜନତାଙ୍କ ସମସ୍ୟାକୁ ପ୍ରକାଶିତ କରିବା,ସାଲିସ ବିହୀନ ରାଜନେତା, ସ୍ୱାଭିମାନୀ, ବାଗ୍ମୀ ଆଇନ ବିଶାରଦ, ଜଣେ ସଂସ୍କାରି ରାଜନେତା, ଭୂସଂସ୍କାର ସରଳ, ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ତଥା ପୂଜ୍ୟପୂଜା ପ୍ରାଣ, ତଥା ବହୁମୁଖୀ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ଥିଲେ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ପୂଜାରୀ ତାଙ୍କୁ କଳଙ୍କ ବିହୀନ ସମ୍ରାଟ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମାନ୍ୟବର କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କୁ ପ୍ରଥମ ବିଶ୍ୱ ଭୂଷଣ ହରିଚନ୍ଦନ ପ୍ରତିଭା ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବହୁ ପୂଜ୍ୟ ପୂଜାପ୍ରାଣ, ସାହିତ୍ୟିକ, ବୁଦ୍ଧିଜୀବୀ, ସଂଗଠକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଂଯୋଜକ ବାପୁ ଓଝା, ବିଜୟ ପରିଡା,ଡ଼ଃ ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି ।

# ବାରିପଦାରେ ଜଙ୍ଗଲ ଜମି ପଟ୍ଟା ଓ ଭୂମିହୀନ ପଟ୍ଟା ବଣ୍ଟନ କଲେ ନଗର ଉନ୍ନୟନ ମନ୍ତ୍ରୀ

**ବାରିପଦା, ନ୍ୟୁଜ ବ୍ୟୁରୋ**

ରବିବାର ବାରିପଦା ପୌରପାଳିକା ତରଫରୁ ପୌର ପାଳିକା ଅତିଥି ଭବନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ଯୋଜନା (ସହରୀ) - ୨.୦ କାର୍ଯ୍ୟାଦେଶ, ଜଙ୍ଗଲ ଜମି ପଟ୍ଟା ଓ ଭୂମିହୀନ ପଟ୍ଟା ବଣ୍ଟନ ସମ୍ବନ୍ଧୀୟ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବାରିପଦା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ସପନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ତହସିଲଦାର ଶ୍ରୀକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭରତ ପାତ୍ର, ଉପାଧ୍ୟକ୍ଷା ସୀମା ଦାସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଶୁଭଶ୍ରୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନଗରପାଳ ଶ୍ରୀ ମହାନ୍ତି ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହାପରେ କାର୍ଯ୍ୟନିର୍ବାହୀ ଅଧିକାରୀ



ଶ୍ରୀ ସାହୁ ବିସ୍ତୃତ ଭାବେ ସରକାରଙ୍କ ଜନକଲ୍ୟାଣକାରି ଯୋଜନା ପ୍ରଧାନମନ୍ତ୍ରୀ ଆବାସ, ଜଙ୍ଗଲ ଜମି ପଟ୍ଟା ଓ ଭୂମିହୀନ ପଟ୍ଟା ଜନ ଯୋଜନା ସମ୍ପର୍କରେ ହିତାଧିକାରୀ ତଥା ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ଡ. ମହାପାତ୍ର କହିଥିଲେ ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେବଳ ଗ୍ରାମାଞ୍ଚଳରେ ସୀମିତ ନୁହେଁ ଏହା ସହରାଞ୍ଚଳରେ ବାସ କରୁଥିବା ଘର ନଥିବା ଗରିବଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ। ଏତଦ ବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେଉଥିବା ଗରିବ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ମଧ୍ୟ ଗୃହ ଯୋଗାଇ ଦିଆଯାଉଛି। ଏଥି ସହିତ ମନ୍ତ୍ରୀ ଡ. ମହାପାତ୍ର କହିଥିଲେ ଯେ ବାରିପଦା ସହରର ବିକାଶ ପାଇଁ ଆଗକୁ ଅନେକ ଗୁଡିଏ କାର୍ଯ୍ୟ ହାତକୁ ନିଆଯାଉଛି । ନଗର ଉନ୍ନୟନ ବିଭାଗର ନୂତନ ଯୋଜନା ଅନୁସାରେ ଆଗାମୀ ଭବିଷ୍ୟତରେ ବାରିପଦା ସହରର ଦୃଶ୍ୟପଟ ପରିବର୍ତ୍ତନ ହେବ ଏବଂ ଦେଶର ଏକ ନମ୍ବର ସହର ଭାବେ ପରିଚିତ କରିବା ପାଇଁ ପରିକଳ୍ପନା କରାଯାଇଛି । ସହରର ବିଭିନ୍ନ ପ୍ରକାର ବିକାଶ କରାଯିବା ସହିତ ବାସଭୂମିର ସୀମିତତା ହେତୁ ଏହାର ପରିମାଣକୁ ପରିବ୍ୟାପ୍ତ କରାଯିବ। ପୌର ପାଳିକା ତରଫରୁ ବିଭିନ୍ନ ବର୍ଗର ଗୃହ ନିର୍ମାଣ କରାଯାଇ ଆବଶ୍ୟକ ଅନୁସାରେ ଲୋକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ତତ ସହିତ ସହରକୁ ସମ୍ପୂର୍ଣ୍ଣ ବସ୍ତି ମୁକ୍ତ ଅଞ୍ଚଳ କରାଯିବା ନେଇ ଯୋଜନା କରାଯାଉଛି। ଏହି ବିକାଶ ଧାରାରେ ସମସ୍ତଙ୍କ ସହଭାଗୀତା ଓ ସହଯୋଗ ଆବଶ୍ୟକ । ତେଣୁ ବାରିପଦା ସହରକୁ ସୁସ୍ଥ, ସୁନ୍ଦର ଓ ଶ୍ରେଷ୍ଠ ସହରରେ ପରିଣତ କରିବା ପାଇଁ ଆମେ ସମସ୍ତେ ମିଳିତ ଭାବେ ପ୍ରୟାସ କରିବା ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀ ଏହି ଅବସରରେ ସହରର ବିଭିନ୍ନ ୱାର୍ଡର ୪୯ ଜଣ ହିତାଧିକାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ, ୩୫ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ବସୁନ୍ଧରା ଯୋଜନା ଅନ୍ତର୍ଗତ ୧୩ ଜଣ ହିତାଧିକାରୀଙ୍କୁ ଭୂମିହୀନ ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକା ଓ ତହସିଲ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ, କର୍ମଚାରୀ, ବିଭିନ୍ନ ୱାର୍ଡର କାଉନସିଲର, କାନ୍ହୁ ସୋରେନ, ରଜନୀ କାନ୍ତ ବିଶ୍ୱାଳଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ସ୍ୱଚ୍ଛ ସାଥି, ହିତାଧିକାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜନସ୍ୱାର୍ଥକୁ ଦୃଷ୍ଟିରେ...

କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବନ ବିଭାଗର ସମସ୍ତ ସମସ୍ୟା ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟେଣ୍ଡର କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟାନୁସାରେ କାର୍ଯ୍ୟକାରୀ କରିବା ଓ ସମସ୍ତ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ସମୀକ୍ଷାରୁ ଜଣାଯାଇଛି ଯେ, କେନ୍ଦୁଝର ଜିଲ୍ଲା ପ୍ରଶାସନ ରାସ୍ତା ସଂଯୋଗୀକରଣ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଗ୍ରାମୀଣ ବିକାଶକୁ ବୃଦ୍ଧି କରିବା ପାଇଁ ଅନେକ ମହତ୍ୱାକାଂକ୍ଷୀ ଭିତ୍ତିଭୂମି ଏବଂ କଲ୍ୟାଣକାରୀ ପ୍ରକଳ୍ପ ହାତକୁ ନେଇଛି। ସେଗୁଡ଼ିକ ମଧ୍ୟରେ ରାଇସୁଆଁ ଏୟାରଷ୍ଟ୍ରିପର ଉନ୍ନତି, କେନ୍ଦୁଝର ବାଇପାସ୍ ରାସ୍ତା ନିର୍ମାଣ, ବିଭିନ୍ନ ରାସ୍ତା ଏବଂ ସେତୁ ପ୍ରକଳ୍ପ ମଧ୍ୟ ଅନ୍ତର୍ଭୁକ୍ତ। ବଡ଼ବିଲ୍ ବାଇପାସ୍ ପ୍ରକଳ୍ପ ଏବଂ ଏନଏଚ-୪୯ ସମ୍ପ୍ରସାରଣ ଦ୍ୱାରା ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା କାମର ତଥ୍ୟ ନେଇଥିଲେ। ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦୁଝର ଜିଲ୍ଲା ଓଡ଼ିଶାରେ ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି। ଜିଲ୍ଲାରେ ଆଇନ ଶୃଙ୍ଖଳା ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଏଥି ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦେଇ ଏ ସମ୍ପର୍କରେ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା, ଯେଉଁ ସ୍ଥାନରେ ପାନୀୟଜଳର ଅସୁବିଧା ହେଉଛି ସେଠାରେ ଅଧିକାରୀ ମାନେ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରସ୍ତାବିତ ବଡ଼ବିଲରୁ ଚମ୍ପିଖୋଲ ରାସ୍ତାର ସମ୍ପ୍ରସାରଣର ବିସ୍ତୃତ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟକୁ ଶୀଘ୍ର ଶେଷ କରିବା, ରିମୁଳିରୁ ପାଣିକୋଇଲି ରାସ୍ତା, ରୀମୁଳିରୁ ରାଜାମୁଣ୍ଡା ରାସ୍ତା ଏବଂ ଜାତୀୟ ରାଜପଥ ପ୍ରାଧିକରଣ ଅନ୍ତର୍ଗତ ଅନ୍ୟାନ୍ୟ ରାସ୍ତାର ମରାମତି ଏବଂ ଅନ୍ୟାନ୍ୟ ଅସୁବିଧା ଗୁଡ଼ିକୁ ଶୀଘ୍ର ସମାଧାନ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଷ୍ଟିଲ ପ୍ଲାଣ୍ଟ ନିର୍ମାଣ, ମା' ତାରିଣୀ ପୀଠର ଉନ୍ନତିକରଣ, ବଡ଼ବିଲ ବାଇପାସ୍, କାଶିପୁର ଓ ପାୱାର ହାଉସ୍ ପୋଖରୀ କାର୍ଯ୍ୟ ବାବଦରେ ଆଲୋଚନା କରିଥିଲେ । ସେହିପରି ଜଙ୍ଗଲ ଜମି ହସ୍ତାନ୍ତର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆହୁରି ମଧ୍ୟ ଶ୍ରୀ ମାଝୀ ସ୍ୱାସ୍ଥ୍ୟ ଓ କ୍ରୀଡା ଭିତ୍ତିଭୂମିର ଉନ୍ନତିକରଣ ନିମନ୍ତେ କାମ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ସାଗରିକା ସାହୁ, ପୋଲିସ ଡିଆଇଜି ବ୍ରିଜେଶ ରାଏ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି. ରାମାସ୍ୱାମୀ, ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଏଚଡ଼ି ଧନରାଜ ଏବଂ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଉତ୍ସବରେ ଇଣ୍ଡିଆନ୍ ବାଏ ବାର୍ଥ ସଂଗଠନ ଦ୍ୱାରା ପ୍ରାୟୋଜିତ ତିନୋଟି ଉନ୍ନତ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସର ଉନ୍ମୋଚନ କରିଥିଲେ, ଯାହା ସମଗ୍ର ଅଞ୍ଚଳରେ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇବାରେ ଉଲ୍ଲେଖନୀୟ ଅବଦାନ ରଖିପାରିବ । ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଘଟଗାଁ ମା' ତାରିଣୀ ମନ୍ଦିର ପାଇଁ ଏକ ଉତ୍ସର୍ଗୀକୃତ ନଡ଼ିଆ ସଂଗ୍ରହ ଯାନର ଶୁଭାରମ୍ଭ କରିଥିଲେ, ଯାହା ଭକ୍ତ ମାନଙ୍କ ଧର୍ମୀୟ ଭାବନାକୁ ଅକ୍ଷୁଣ୍ଣ ରଖିବା ସହ ଭକ୍ତ ଓ ତାରିଣୀ ମା'ଙ୍କ ମଧ୍ୟରେ ଥିବା ଦୂରତ୍ୱକୁ ହ୍ରାସ କରିପାରିବ। ଆହୁରିମଧ୍ୟ ମୁଖ୍ୟମନ୍ତ୍ରୀ ମାଝୀ ଅଭିନବ ଏକଲ ରଥ ମୋବାଇଲ୍ ଶିକ୍ଷା ୟୁନିଟର ମଧ୍ୟ ଶୁଭାରମ୍ଭ କରିଥିଲେ। ଯାହା ଦୂରଦୂରାନ୍ତରେ ଜନସାଧାରଣଙ୍କୁ ସଂସ୍କୃତି ଶିକ୍ଷା ସମ୍ବଳ ଯୋଗାଇବ, ଏହା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ପ୍ରତୀକ୍ଷା ଗୃହର ମଧ୍ୟ ଉଦ୍‌ଘାଟନ କରିଥିଲେ।

### ଆନ୍ଧ୍ର ପଥର...

କହିବା ଅନୁସାରେ ବାପଟାଲା ଜିଲ୍ଲା ବାଲିକୁରୁଭା ନିକଟ ସତ୍ୟକ୍ରିଷ୍ଣା ଗ୍ରାନାଇଟ କୁଆଁରିରେ ଶ୍ରମିକମାନେ କାମ କରୁଥିଲେ। ଏହି ସମୟରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ପରେ ଘଟଣାସ୍ଥଳରୁ ୪ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ପଥରଖଣି ତଳେ ଚାପି ହୋଇଥିବା ଶ୍ରମିକମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାର ଅଧିକ ତଦନ୍ତ ପାଇଁ ବାପଟାଲା ଆରକ୍ଷୀ ଅଧୀକ୍ଷକ ତୁଷାର ଦୁଦି ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସେ ଆଦେଶ ଦେଇଛନ୍ତି।

### ୪ ଲକ୍ଷ ଟଙ୍କା...

ନରସାରାଓପେଟ ସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି, ଯେଉଁଠାରେ କେତେକଙ୍କ ଅବସ୍ଥା ଗୁରୁତର ରହିଛି। ବପଟଲା ଏସପି ତୁଷାର ଦୁଦୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ମଧ୍ୟ ଏହି ଦୁର୍ଘଟଣା ପାଇଁ ଶୋକ ପ୍ରକାଶ କରି ଆହତମାନଙ୍କ ଚିକିତ୍ସା ଓ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ତଦନ୍ତରୁ ସୁରକ୍ଷା ବ୍ୟବସ୍ଥାରେ ଅଭାବ ଏହି ଦୁର୍ଘଟଣାର ମୁଖ୍ୟ କାରଣ ହୋଇଥିବା ଜଣାପଡ଼ିଛି।

### ପୂର୍ବତନ...

ସହିତ ଏକ ଭଡା ସରକାରୀ ବାସଭବନକୁ ଯିବେ। ଜଷ୍ଟିସ ଚନ୍ଦ୍ରଚୂଡ଼, ତାଙ୍କ ପତ୍ନୀ କଳ୍ପନା ଏବଂ ଝିଅ ପ୍ରିୟଙ୍କା ଏବଂ ମାହି ନୂଆଦିଲ୍ଲୀର ୫ କୃଷ୍ଣ ମେନନ ମାର୍ଗରେ ଥିବା ସିଜେଆଇଙ୍କ ସରକାରୀ ବାସଭବନରେ ରହୁଥିଲେ। ପ୍ରିୟଙ୍କା ଏବଂ ମାହି ଉଭୟ ଦିବ୍ୟାଙ୍ଗ। ବଙ୍ଗଳାରେ ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ରହିବାର କାରଣ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ଜଷ୍ଟିସ ଚନ୍ଦ୍ରଚୂଡ଼ କହିଥିଲେ, ଆମେ ପ୍ରକୃତରେ ଆମର ଜିନିଷପତ୍ର ପ୍ୟାକ କରିସାରିଛୁ। କିଛି ଜିନିଷପତ୍ର ନୂତନ ଘରକୁ ପଠାଯାଇସାରିଛି ଏବଂ କିଛି ଏଠାରେ ଷ୍ଟୋର ରୁମରେ ରଖାଯାଇଛି।

ସରକାରୀ ବଙ୍ଗଳାରେ ତାଙ୍କ କଥିତ ଅଧିକ ସମୟ ରହିବା ସମ୍ପର୍କରେ ସୁପ୍ରିମକୋର୍ଟ ପ୍ରଶାସନ କେନ୍ଦ୍ର ସରକାରଙ୍କୁ ପଠାଇଥିବା ଚିଠିର ଉତ୍ତରରେ ସେ ଏହା କହିଥିଲେ।

### ସମୁଦ୍ରରେ ନିଖୋଜ...

କ୍ରମେ ଭାରତୀୟ ତଟ ସୁରକ୍ଷା ବାହିନୀ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛି। ଏହା ସହ ସମୁଦ୍ର ଉପକୂଳରେ ପୋଲିସ କର୍ମଚାରୀଙ୍କ ଦ୍ୱାରା ପଇଁତରା ବ୍ୟବସ୍ଥାକୁ ଜୋରଦାର କରିବା ସହ ପଡୋଶୀ ରାଜ୍ୟର ସାମୁଦ୍ରିକ ଥାନା ସହ ଯୋଗାଯୋଗ କରାଯାଇ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଅବ୍ୟାହତ ରହିଛି।

### ବିସ୍ଫୋରଣରେ ଟ୍ରାକ୍ ...

ଟ୍ରାକ କ୍ଷତିଗ୍ରସ୍ତ ହେବାରୁ ମୁମ୍ବାଇ- ହାୱଡା ମୁଖ୍ୟ ରେଳମାର୍ଗରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ସୁରକ୍ଷା ଦୃଷ୍ଟିକୋଣରୁ ସ୍ଥାନୀୟ ଅଞ୍ଚଳରେ ପୁଲିସ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି । ଯାତ୍ରୀ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଶ୍ରା, ଭାଲୁଲତା ଓ ଜରାଇକେଲା ରେଳଷ୍ଟେସନରେ ଆରପିଏଫ୍ ଓ ଆରପିଏସ୍‌ଏଫ୍ ମୁତୟନ କରାଯାଇଛି। ଏହି ଷ୍ଟେସନଗୁଡ଼ିକ ନକ୍ସଲ ପ୍ରଭାବିତ ହେବା ସହିତ ହାଓଡ଼ା-ମୁମ୍ବାଇ ମୁଖ୍ୟ ରେଳମାର୍ଗରେ ଅବସ୍ଥିତ ହୋଇଥିବାରୁ ରେଳ ପ୍ରଶାସନ ଏହି ୩ଟି ଷ୍ଟେସନ ଉପରେ ସ୍ୱତନ୍ତ୍ର ନଜର ରଖିଛି। ରେଳଷ୍ଟେସନ, ଟ୍ରେନ୍ ଓ ରେଳ ସମ୍ପତ୍ତିର ସୁରକ୍ଷା ମଧ୍ୟ ବୃଦ୍ଧି କରାଯାଇଛି। ରେଳ ସୁରକ୍ଷାବଳ ଓ ସରକାରୀ ରେଳବାଇ ପୁଲିସକୁ ହାଇଆଲର୍ଟରେ ରଖାଯାଇଛି। ସମ୍ବେଦନଶୀଳ ମାର୍ଗରେ ଏକ୍ସପ୍ରେସ୍ ଓ ଅନ୍ୟ ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକର ଯାତ୍ରା ପୂର୍ବରୁ ମାଲବାହୀ ଟ୍ରେନ୍ ଚଳାଇବା ପାଇଁ ନିର୍ଦ୍ଦେଶ ଜାରିହେଇଛି। ଏହାବ୍ୟତୀତ ରେଳଟ୍ରାକ୍, ପୋଲ ଓ ଷ୍ଟେସନ ପରିସର ନିରନ୍ତର ଯାଞ୍ଚ କରାଯାଉଛି। କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଲେ ତୁରନ୍ତ ରେଳବାଇ ହେଲ୍ପଲାଇନ୍ କିମ୍ବା ନିକଟତମ ରେଳଷ୍ଟେସନକୁ ଜଣାଇବାକୁ ରେଳ ପ୍ରଶାସନ ଯାତ୍ରୀଙ୍କୁ ନିବେଦନ କରାଯାଇଛି।

### ପରିବାରକୁ ୧୦...

ଇଟୁଆ ଓରାମଙ୍କ ଦୁଃଖଦ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

### ଭିଜିଲାନ୍ସ ଜାଲରେ...

ଭିଜିଲାନ୍ସ, ବାରିପଦାଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୪ଜଣ ଡିଏସପି, ୭ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଏକକାଳୀନ ଚଢ଼ଉ କରାଯାଉଛି। ବାରିପଦା, ବୌଦ୍ଧ ଏବଂ ଭୁବନେଶ୍ୱରରେ ଥିବା ତାଙ୍କର ୬ଟି ସ୍ଥାନରେ ଚଢ଼ଉ ଚାଲିଛି।

### ଆଗାମୀ ୫ ଦିନ ...

୫ ତାରିଖରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୬ ତାରିଖରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୫ ଜିଲ୍ଲା(ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ, ଗଜପତି, ରାୟଗଡ଼ା)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଅନ୍ୟ ୨୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୭ ତାରିଖରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଅନ୍ୟ ୨୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

### ୩୫ଟି ଅତ୍ୟାବଶ୍ୟକ...

କାଇମୋଟ୍ରିପସିନ୍ ଟାବଲେଟ୍ ଏବେ ୧୩ ଟଙ୍କାରେ ଉପଲବ୍ଧ ହେବ, ଯେତେବେଳେ କାଡିଲା ଫାର୍ମାସ୍ୟୁଟିକାଲ୍ସର ସମାନ ଟାବଲେଟ୍ ୧୫.୦୧ ଟଙ୍କାରେ ଉପଲବ୍ଧ ହେବ।

# ପଦ୍ମଶ୍ରୀ ଡ. ଶ୍ୟାମାମଣି ପଟ୍ଟନାୟକଙ୍କୁ ମଧୁସ୍ମୃତି ସମ୍ମାନ-୨୦୨୫



**କଟକ, ନ୍ୟୁଜ ବ୍ୟୁରୋ**

ମଧୁବାବୁଙ୍କ ସମାଧି ପୀଠରେ ମଧୁସ୍ମୃତି ସୁରକ୍ଷା ମଞ୍ଚ ଟ୍ରଷ୍ଟ ପକ୍ଷରୁ ଚାଲିଥିବା ନିତ୍ୟପୂଜ୍ୟପୂଜାର ୧୦୦୦ ଦିନ ପୂର୍ତ୍ତି ଅବସରରେ 'ରୂପାନ୍ତର' କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଶାସ୍ତ୍ରୀୟ କଣ୍ଠ ଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ପଟ୍ଟନାୟକ, ବାରବାଟୀ-କଟକ ବିଧାୟକ ସୋଫିଆ ଫିରର୍ଦ୍ଦୋସ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବିପିୟୁଟିର ପୂର୍ବତନ କୁଳପତି ପ୍ରଫେସର ଓଁକାରନାଥ ମହାନ୍ତି, ଐତିହାସିକା ଡ. ନିବେଦିତା ମହାନ୍ତି, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ସତ୍ୟବ୍ରତ ତ୍ରିପାଠୀ, ପ୍ରଫେସର ଡକ୍ଟର ଖାରବେଳ ମହାନ୍ତି, ବିଜେପି ନେତା ଲଲାଟେନ୍ଦୁ ବଡୁ ପ୍ରମୁଖ ଯୋଗ ଦେଇ ମଧୁବାବୁଙ୍କ ସ୍ମୃତି ରକ୍ଷା ସହ ସମାଧି ପୀଠକୁ ଜାତୀୟ ସ୍ମାରକୀ ମାନ୍ୟତା ପ୍ରଦାନ ଦାବି କରିଥିଲେ। ଏଥିସହ ମଧୁବାବୁଙ୍କ ହାତଗଢ଼ା ଶିକ୍ଷାନୁଷ୍ଠାନ ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବିଧାୟକ ସୋଫିଆ ଫିରର୍ଦ୍ଦୋସ ପ୍ରତିଶ୍ରୁତି ଦେଇଥିଲେ। ପରେ ଅତିଥି ମାନଙ୍କ ଦ୍ୱାରା 'ରୂପାନ୍ତର'ର ଉନ୍ମୋଚନ କରାଯାଇଥିଲା। ସଭାରେ ମଧୁସ୍ମୃତି ସୁରକ୍ଷା ମଞ୍ଚ ଟ୍ରଷ୍ଟର ସଭାପତି ପ୍ରଫେସର ନଟବର ଶତପଥୀ ସଭାପତିତ୍ୱ କରିଥିଲେ। ଅଧିବକ୍ତା ଜଗନ୍ନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସନ୍ତୋଷ ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ପଦ୍ମଶ୍ରୀ ଡ. ଶ୍ୟାମାମଣି ପଟ୍ଟନାୟକ, ଡ. ଖାରବେଳ ମହାନ୍ତି, ସତ୍ୟବ୍ରତ ତ୍ରିପାଠୀଙ୍କୁ ମଧୁସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ଏଥିସହ ସହରର ୨୨ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବରେଣ୍ୟ ଅତିଥିଙ୍କୁ ମଞ୍ଚ ପକ୍ଷରୁ ସ୍ମୃତି ଫଳକ ପ୍ରଦାନ ହୋଇଥିଲା। ଅକ୍ଷୟ ଆଚାର୍ଯ୍ୟ, ଦେବୀପ୍ରସାଦ ସେଠୀ, ସତ୍ୟଜିତ ଗୋସ୍ୱାମୀ ଓ କବିନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ। ବିଜୟିନୀ ମିଶ୍ର, ସୁଚିତ୍ରା ସେଠୀ, ସୁହାସୀ ଶୁଭଦର୍ଶିନୀ, ଶେଫାଳୀ ମହାରଣା, ପ୍ରଦେଶ କୁମାରୀ ମହାରଣା ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ। ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ମଧୁବାବୁଙ୍କ ବିରଳ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ବିଜୟଲକ୍ଷ୍ମୀ ନାୟକ, ଜିଷ୍ଣୁ ଘୋଷ, ଆଶୁତୋଷ ହୋତା, ମନସ୍ୱିନୀ ରଥ, ଶୁଭଶ୍ରୀ ସାହୁ ଅବିନାସ ନାୟକ, ମନୋରମା ନାୟକ, ମହେନ୍ଦ୍ର ଲାଲ୍ ଜେନା, ବୃନ୍ଦାବନ ଦାଶ ଆଜାଦ୍, ଆକାଶ ପଟ୍ଟନାୟକ, ରାକେଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ବଳାତ୍କାର ପୀଡ଼ିତାଙ୍କ ମୃତ୍ୟୁ ପରେ ସରକାରଙ୍କୁ ଘେରିଲା ବିଜେଡି

# ଦୋଷୀ ଧରାନପଡ଼ିଲେ ବ୍ଲକ୍ ସ୍ତରରୁ ଆନ୍ଦୋଳନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଜୀବନ ହାରିଗଲେ ବଳଙ୍ଗା ପୀଡ଼ିତା। ଦିଲ୍ଲୀରେ ଏମ୍ସରେ ବ୍ୟବଚ୍ଛେଦ ପରେ ଜନ୍ମମାଟିକୁ ଆସିବ ପାର୍ଥିବ ଶରୀର। ତେବେ ପୀଡ଼ିତାଙ୍କ ମୃତ୍ୟୁ ନେଇ ଶୋକବ୍ୟକ୍ତ କରିଛି ବିଜେଡି । ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖ ଦାୟକ ବୋଲି କହିଛନ୍ତି ବିଜେଡି ବରିଷ୍ଠ ନେତା। ସାମ୍ବାଦିକ ସମ୍ମିଳନୀ କରି ପୁଲିସ ପ୍ରଶାସନ ଏବଂ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ପୁରୀ ବଳଙ୍ଗା ନାବାଳିକା ପୋଡ଼ି ମାମଲାରେ ପୁଲିସ ଏଯାଏଁ କାହାରି ନାଁରେ କ୍ରିମିନାଲ୍ କେସ୍ କରି ନାହିଁ । ସରକାର ଏ ଘଟଣାକୁ ବିଭିନ୍ନ ଦିଗରୁ ମୋଡ଼ିଲେ। ବିଜେଡି ପ୍ରଥମରୁ ଦାବି କରିଥିଲା ଦିଲ୍ଲୀ ଏମ୍ସକୁ ନିଆଯାଉ ବୋଲି। ଉପମୁଖ୍ୟମନ୍ତ୍ରୀ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କୁ ଭେଟ କରି ଭଲ ଚିକିତ୍ସା ଚାଲିଥିବା କହିଥିଲେ। ସ୍ୱାସ୍ଥ୍ୟ ଉନ୍ନତି ହୋଇଥିବା କହିଥିଲେ। ହେଲେ ପରେ ତାଙ୍କ ମୃତ୍ୟୁ ହେବା ସମସ୍ତଙ୍କୁ ଚକିତ କରିଛି। ଦୋଷୀଙ୍କୁ ଘଣ୍ଟ ଘୋଡାଉଛନ୍ତି ରାଜ୍ୟ ସରକାର । ସରକାରୀ ଦଳର ଲୋକମାନେ ଏଥିରେ ସଂପୃକ୍ତ ଅଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି । ପୀଡ଼ିତାଙ୍କ ଷ୍ଟେଟମେଣ୍ଟ ମାଜିଷ୍ଟ୍ରେଟ୍ ଏକୁଟିଆ କେମିତି ନେଲେ। ଷ୍ଟେଟମେଣ୍ଟ ନେବା ବେଳେ ପରିବାର ଲୋକଙ୍କୁ କାହିଁକି ରଖିଲେ ନାହିଁ । ପେଟ୍ରୋଲ, ଚପଲ ମିଳିଲା ହେଲେ ଦୋଷୀ କାହିଁକି ଧରାପଡ଼ିଲେ ନାହିଁ । ଓଡ଼ିଶାରେ କେହି ସୁରକ୍ଷିତ ନୁହାନ୍ତି ବୋଲି ବିଜେଡି ସାମ୍ବାଦିକ ସମ୍ମିଳନୀ କରି କହିଛି । ଆହୁରି ମଧ୍ୟ କହିଛନ୍ତି, ଏହାଠାରୁ ଚାଞ୍ଚଲ୍ୟକର ଥିଲା ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲା । ଏହାକୁ ନେଇ ଆମେରିକା ବି ବୟାନ ଦେଲା। ଓଡ଼ିଶା ପାଇଁ ଲଜ୍ଜାକର ଘଟଣା ଥିଲା । ଏଥିପାଇଁ ଓଡ଼ିଶା ଆନ୍ତର୍ଜାତିକ ସ୍ତରରେ ନିନ୍ଦିତ ହୋଇଛି। ଡବଲ ଇଞ୍ଜିନ ସରକାର ଆଗକୁ ଯାଉନାହିଁ। ଦୁଇଟି ଇଞ୍ଜିନ



ବିପରୀତ ଦିଗରେ ଗତି କରୁଛି। ବିଜେପି କର୍ମୀ ଉତ୍ପାତ ହେଉଛନ୍ତି। ମହିଳାମାନେ ଶୋଷଣର ଶିକାର ହେଉଛନ୍ତି । ବିଜେଡି ଯେଉଁ ଅଭିଯୋଗ ଆଣୁଛି ରାଜ୍ୟ ସରକାର ତା'ର କର୍ଣ୍ଣପାତ କରୁନାହିଁ । ବଳଙ୍ଗା ନାବାଳିକା ପୋଡି ମାମଲାରେ ଯଦି ଦୋଷୀଙ୍କୁ ଗିରଫ କରାନଯାଏ ତେବେ ବିଜେଡି ଆନ୍ଦୋଳନ କରିବ। ଏଥର ଲଢେଇ ବ୍ଲକ୍ ସ୍ତରରୁ ଆରମ୍ଭ ହେବ । ପୀଡ଼ିତାଙ୍କ ମୃତ୍ୟୁର ୧୦ ମିନିଟ୍ ପରେ ପୁଲିସ୍ ଏକ୍ସ ରେ ପୋଷ୍ଟ କରି କହିଲା ଏହାକୁ ନେଇ କେହି ସମ୍ବେଦନଶୀଳ ମନ୍ତବ୍ୟ ଦିଅନ୍ତୁ ନାହିଁ । ପୁଲିସ୍ ଏପରି କାହିଁକି କହିଲା। ପୁଲିସ୍ ଲୋକଙ୍କୁ ଡରାଇବା ସହ ଧମକାଉଛି। ବିଜେଡି ଅନ୍ୟାୟ ଏବଂ ଅନୀତି ବିରୁଦ୍ଧରେ ଲଢେଇ ଜାରି ରଖିବ ବୋଲି କହିଛନ୍ତି ବିରୋଧି ଦଳର ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ୍, ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସଂହାର ଏବଂ ବରିଷ୍ଠ ନେତା ଟୁକୁନି ସାହୁ ।

# ବୃକ୍ଷ ଆମ ଜୀବନର ଆଧାର ଅଟେ, ଏହାର ସୁରକ୍ଷା ଆମର କର୍ତ୍ତବ୍ୟ : ଇସ୍ପାତ ମନ୍ତ୍ରୀ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଅଟଳ ଯୁବ ବାହିନୀ ତରଫରୁ ଗୋପାଳପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ଗୋପୀ ମହାରଣାଙ୍କ ତତ୍ତ୍ୱାବଧାନରେ ଆମ୍ବପୁଆ ସ୍ଥିତ ଅଲେଖ ମନ୍ଦିର ପ୍ରାଙ୍ଗଣରେ 'ବୃକ୍ଷରୋପଣ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । 'ବୃକ୍ଷ ହିଁ ଜୀବନ' । ବର୍ତ୍ତମାନର ପରିବର୍ତ୍ତନଶୀଳ ଜଳବାୟୁ ପରିସ୍ଥିତିରେ ପରିବେଶ ସନ୍ତୁଳନ ରକ୍ଷା କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ମା' ପାଇଁ ଗଛଟିଏ' ମନ୍ତ୍ରର ଆହ୍ୱାନକୁ ନେଇ ଆଜି ୧୦୦ରୁ ଉର୍ଦ୍ଧ୍ୱ 'ବୃକ୍ଷରୋପଣ' କରାଯାଇଛି । ଏହି ଅବସରରେ ରାଜ୍ୟ ସରକାରଙ୍କ ମାନ୍ୟବର ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ



ବିଭୂତି ଭୂଷଣ ଜେନା ଯୋଗ ଦେଇ କହିଛନ୍ତି ଯେ ବୃକ୍ଷ ଆମ ଜୀବନର ଆଧାର ଅଟେ, ଏହାର ସୁରକ୍ଷା ଆମର କର୍ତ୍ତବ୍ୟ । ଏହାସହ ଦୁଇ ବର୍ଷ ପର୍ଯ୍ୟନ୍ତ ଗଛର ଯତ୍ନ ନେବାକୁ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅଟଳ ଯୁବ ବାହିନୀ ସଭାପତି ଶିବ ଶଙ୍କର ପତି, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଶିବଶଙ୍କର ନାୟକ, ଏଲ୍ ମୋହନ ଦାସ, ଯୁବମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ବି.ରବି ରାଓ, କିଶୋର ସାହୁ, ଜଗମୋହନ ପାତ୍ର, ପି.ରାଜେନ୍ଦ୍ର କୁମାର, ତପନ ସାହୁ, ସୁମିତ ପାତ୍ର,କୃଷ୍ଣ ପୋଲାଇ, ଅଶ୍ୱିନୀ ସାହୁ, ଦୀପକ ନାୟକ, ସୁନିଲ ନାୟକ, ଦିଲ୍ଲୀପ ପାତ୍ର, ରୋହନ ନାୟକ, ଆଶୁତୋଷ ପ୍ରହରାଜ, ମନୋଜ ପାଣିଗ୍ରାହୀ, ରାଜେଶ୍ୱର ମହାପାତ୍ର,ବଳିଆ ନାୟକ, ତପନ ଚୌଧୁରୀ, ସମୀର ପାତ୍ର,ସାଇ ରେଡ୍ଡୀ, ଦୀପକ ନାହାକ, ସିଦ୍ଧାନ୍ତ ସାହୁ, ଜି ଗୋପାଳ ରେଡ୍ଡୀ, ମନୋଜ ସେଠୀ, ଗୌତମ ପଟ୍ଟନାୟକ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଭୁବନେଶ୍ୱର
୦୪ ଅଗଷ୍ଟ,
ସୋମବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରକୁ ୮ ଜିଲ୍ଲାରୁ ଆସିବ 'ଅମୃତ ଅନ୍ନ'

**ପୁରୀ,୦୩/୦୮ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଅବଢ଼ା ପ୍ରସ୍ତୁତିରେ ବ୍ୟବହାର ହେବ ଜୈବିକ ପଦ୍ଧତିରେ ଅମଳ ଚାଉଳ । ଜୈବିକ ପ୍ରଣାଳୀରେ ଧାନ ଚାଷ କରି ଏଥିରୁ ଚାଉଳ ବା 'ଅମୃତ ଅନ୍ନ' ପ୍ରସ୍ତୁତ କରି ଅବଢ଼ା ରାନ୍ଧିବା ପାଇଁ ରାଜ୍ୟ ସରକାର ବଡ଼ ଯୋଜନା କରିଛନ୍ତି । ପ୍ରାୟ ୫ ବର୍ଷ ପର୍ଯ୍ୟନ୍ତ ବିସ୍ତୃତ ଯୋଜନା କରି ଅର୍ଥ ବିନିଯୋଗ ଯୋଜନା ହୋଇଛି । କନ୍ଧମାଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ ବଲାଙ୍ଗୀର ଆଦି ୮ ଜିଲ୍ଲାରେ ଅର୍ଗାନିକ ଫାର୍ମିଂ କରିବାକୁ ନିଷ୍ପତ୍ତି ପ୍ରସ୍ତୁତି ହୋଇଛି । ବଳଭଦ୍ର ଜୈବିକ ଚାଷ ମିଶନ ଅଧୀନରେ ପ୍ରାୟ ୧୧୩ କୋଟି ୫୮ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି । ୨୦୨୫-୨୬ରେ ୩୮ କୋଟି, ୨୦୨୬-୨୭ରେ ୨୮ କୋଟି, ୨୦୨୭-୨୮ରେ ୨୦ କୋଟି, ୨୦୨୮-୨୯ରେ ୧୧ କୋଟି ଓ ୨୦୨୯-୩୦ରେ ୧୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି । ସରକାରଙ୍କ ପକ୍ଷରୁ ଆର୍ଥିକ ଓ ବୈଜ୍ଞାନିକ ପରାମର୍ଶ ପାଇ ଚାଷୀ ଚାଷ କରିବେ । ଅମଳ ପରେ ଚାଷୀଙ୍କ ଠାରୁ ସରକାର ଏହି ଧାନ, ବିରି, ପରିବା ପ୍ରଭୃତି ଫସଲ କିଣି ନେବେ । ସୂଚନା ଥାଉକି,



ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ 'ଅମୃତ ଅନ୍ନ' ପରଷିବାକୁ ଯୋଜନା କରିଛନ୍ତି ସରକାର । ଜମିର ଉର୍ବରତା ବୃଦ୍ଧିରେ ସହାୟକ ହେଉଥିବା ଧନିଚାକୁ ଚାଷ ଜମିରେ ବୁଣି ପରେ ଏଠାରେ ବିନା ସାର, ପିଢ଼ିଆ ବ୍ୟବହାରରେ ଧାନ, ମୁଗ, ବିରି, ପରିବା ପ୍ରଭୃତି କରିବାକୁ ଚାଷୀମାନଙ୍କୁ କୃଷି ବିଭାଗ ଟିମ୍ ବିଭିନ୍ନ ଜିଲ୍ଲା ବୁଲି ସଚେତନ କରାଉଛି । ଆବଶ୍ୟକ ସ୍ଥଳେ ଚାଷ ଜମିରେ ଗୋବର ଓ ବିଭିନ୍ନ ପତ୍ରରୁ ପ୍ରସ୍ତୁତ ଜୈବିକ ଖତ ବ୍ୟବହାର କରାଯିବ । ଏଥିନିମନ୍ତେ ଚାଷୀଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ମଧ୍ୟ ସରକାର ଯୋଜନା କରିଛନ୍ତି । ଚାଷୀ ଜୈବିକ ପ୍ରଣାଳୀରେ ଶସ୍ୟ ଉତ୍ପାଦନ କଲେ ସମସ୍ତ ଖାଦ୍ୟ ଦ୍ରବ୍ୟକୁ ଶ୍ରୀମନ୍ଦିର ପ୍ରଶାସନ ମହାପ୍ରଭୁଙ୍କ ନିମନ୍ତେ କିଣିନେବେ । ଚଳିତ ବର୍ଷ ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ପରୀକ୍ଷାମୂଳକ ଭାବେ ଆଡ଼ପ ମଣ୍ଡପରେ ଜୈବିକ ଚାଉଳରୁ ଅବଢ଼ା କରାଯାଇ କୋଠ ଭୋଗରେ ମହାପ୍ରଭୁଙ୍କୁ ଲାଗି ହୋଇଥିଲା । କଳାଜିରା ଓ ଦେବଭୋଗ କିସମର ଚାଉଳକୁ ଏହି ସମୟରେ ବ୍ୟବହାର ହୋଇଥିଲା । ଆବଶ୍ୟକ ପରିମାଣର ଚାଉଳ, ଡାଲି ପ୍ରଭୃତି ଗଚ୍ଛିତ କରିବା ପରେ ପ୍ରଥମେ ଦୈନିକ କୋଠଭୋଗରେ 'ଅମୃତ ଅନ୍ନ' ବ୍ୟବହାର କରାଯିବ । ଷ୍ଟକ୍ ଅଧିକ ରହିବା ପରେ ଶ୍ରୀମନ୍ଦିର ପରିସରରେ ଏକ କାଉଣ୍ଟର କରାଯାଇ ଏହାକୁ ସୁଆରମାନଙ୍କୁ ମଧ୍ୟ ବରାଦି ଅବଢ଼ା କରିବା ନିମନ୍ତେ ବିକ୍ରି କରିବାକୁ ପ୍ରଶାସନିକ ଯୋଜନା ହୋଇଛି । ଏବେ ଶ୍ରୀମନ୍ଦିର କୋଠଭୋଗରେ ଦୈନିକ ପ୍ରାୟ ୪୦କେଜିର ଚାଉଳ ଅବଢ଼ା ଅନ୍ନ ରାନ୍ଧିବା ନିମନ୍ତେ ଆବଶ୍ୟକ ପଡୁଛି । ସେହିପରି ପ୍ରାୟ ୧୦କିଲୋ ମୁଗଡାଲି ସାଙ୍ଗକୁ ବିଭିନ୍ନ ପରିବା ବ୍ୟବହାର ହେଉଛି । ଶ୍ରୀଜୀଉଙ୍କ ନିମନ୍ତେ ଏବେ ବିଭିନ୍ନ ସ୍ଥାନରୁ ଆମଦାନୀ ହୋଇ ଆସୁଥିବା ବାସୁମତି ଓ ବିଭିନ୍ନ କିସମର ଚାଉଳ ସାଙ୍ଗକୁ ଡାଲି, ପରିବା ପ୍ରଭୃତି ବ୍ୟବହାର ହେଉଛି । ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ହେଉଥିବା ଚାଷ ଜମିରୁ ଏହି ସମସ୍ତ ଖାଦ୍ୟ ସାମଗ୍ରୀ ଅମଳ ହୋଇ ଆସୁଛି । ଏହି ବିଷାକ୍ତ ଖାଦ୍ୟ ଶରୀର ପ୍ରତି କ୍ଷତିକାରଣ । ତେଣୁ ମହାପ୍ରଭୁଙ୍କୁ ଦୈନିକ ଶୁଦ୍ଧ ଖାଦ୍ୟ ପରଷିବା ନିମନ୍ତେ ସରକାର ଜୈବିକ ପ୍ରଣାଳୀରେ ଚାଷ କରିବାକୁ ଯୋଜନା କରିଛନ୍ତି ।

# ଶ୍ରୀମନ୍ଦିରରେ 'ବାଡ଼ି ନୃସିଂହ ବିଜେ' ନୀତି ସମ୍ପନ୍ନ

**ପୁରୀ,୦୩/୦୮ ନ୍ୟୁଜ ବ୍ୟୁରୋ**

ରବିବାର ଶ୍ରୀମନ୍ଦିରରେ 'ବାଡ଼ି ନୃସିଂହ ବିଜେ' ନୀତି ସମ୍ପନ୍ନ ହୋଇଯାଇଛି । ଶ୍ରୀନୃସିଂହ ମହାପ୍ରଭୁ ଶ୍ରୀମନ୍ଦିରରୁ ବାହାରି ପ୍ରସିଦ୍ଧ ଚାରି ଆଶ୍ରମକୁ ବିଜେ କରିବା ସହ ଶ୍ରୀକ୍ଷେତ୍ର ପରିକ୍ରମା କରିଥିଲେ । ଏଥିପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ହୋଇଥିଲା । ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ଦକ୍ଷିଣ ଘରେ ବିରାଜିତ ଶ୍ରୀନୃସିଂହ ମହାପ୍ରଭୁ ଆଜ୍ଞାମାଳ ପାଇ ବିମାନରେ ବିଜେ ହୋଇଥିବା ବେଳେ ବିମାନବଡୁ ସେବକମାନେ ପଟୁଆରରେ ଠାକୁରଙ୍କୁ ବିଜେ କରାଇ ସହର ପରିକ୍ରମା କରିଥିଲେ । ସୂଚନା ଯୋଗ୍ୟ ଯେ, ଶ୍ରୀକ୍ଷେତ୍ରର ପୁରାଣ ପ୍ରସିଦ୍ଧ ଚାରି ଆଶ୍ରମକୁ ବିଜେ କରିଲେ ଠାକୁରେ । ଆଶ୍ରମମାନଙ୍କରେ ଠାକୁରଙ୍କୁ ଶୀତଳ



ଭୋଗ ଅର୍ପଣ କରାଯାଇ ସେଠାରୁ ଠାକୁରେ ଶ୍ରୀମନ୍ଦିରକୁ ଫେରିଥିଲେ । ଆଗ କାଳରେ ରଥଯାତ୍ରା ପରେ ଶ୍ରୀକ୍ଷେତ୍ରରେ ହଇଜା ଓ ଝାଡ଼ାବାନ୍ତି ଭଳି ରୋଗ ବ୍ୟାପୁଥିଲା । ଏଣୁ ମହାମାରୀରୁ ଭକ୍ତଙ୍କୁ ଉଦ୍ଧାର କରିବାକୁ ଠାକୁରେ ଶ୍ରୀକ୍ଷେତ୍ର ପରିକ୍ରମା କରନ୍ତି ବୋଲି ବିଶ୍ୱାସ ରହିଛି । ଶ୍ରାବଣ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଏହି ବିଧି ପାଳନ କରାଯାଏ ବୋଲି ଶ୍ରୀମନ୍ଦିରର ସେବାୟତଗଣ କହିଛନ୍ତି ।

# ବିଶ୍ୱବିଦ୍ୟାଳୟ କ୍ରୀଡ଼ା -୨୦୨୫ : କିଟ୍‌ର ପଦକ ବିଜେତା ଖେଳାଳିଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା




**ଭୁବନେଶ୍ୱର, ୩।୮ ନ୍ୟୁଜ ବ୍ୟୁରୋ**

ଜର୍ମାନୀର ରାଇନ୍-ରୁହରଠାରେ ଶେଷ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୨୦୨୫ରେ ଭାରତର ପ୍ରତିନିଧିତ୍ୱ କରି ବିଭିନ୍ନ ବିଭାଗରେ ପଦକ ହାସଲ କରିଥିବା କିଟ୍ ବିଶ୍ୱବିଦ୍ୟାଳୟର ୧୧ଜଣ କ୍ରୀଡ଼ାବିତ୍‌ଙ୍କୁ ରବିବାର କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି କ୍ରୀଡ଼ା ପ୍ରତିଯୋଗୀତାରେ ରୌପ୍ୟ ପଦକ ହାସଲ କରିଥିବା ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କୁ କିଟ୍ ଓ କିସ୍ ପକ୍ଷରୁ ୩ ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ କାଂସ୍ୟ ପଦକ ହାସଲ କରିଥିବା ପ୍ରତ୍ୟେକ ଖେଳାଳୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତରୁ କିଟ୍ ବିଶ୍ୱବିଦ୍ୟାଳୟର ସର୍ବାଧିକ ଖେଳାଳି ପ୍ରତିନିଧିତ୍ୱ କରିଥିଲେ । ଏହି କ୍ରୀଡ଼ାରେ ଭାରତ ମୋଟ ୧୨ଟି ପଦକ ହାସଲ କରିଥିବା ବେଳେ କେବଳ କିଟ୍ ଖେଳାଳିମାନେ ୬ଟି ପଦକ ହାସଲ କରିଛନ୍ତି । ଏହା କିଟ୍ ତଥା ଓଡ଼ିଶା ପାଇଁ ଗୌରବର ବିଷୟ ବୋଲି ଡ. ସାମନ୍ତ କହିଥିଲେ । ଗତ ୬୫ବର୍ଷ ମଧ୍ୟରେ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସର୍ବାଧିକ ପଦକ ହାସଲ କରିବାରେ କିଟ୍ ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ ଭାରତୀୟ ବିଶ୍ୱବିଦ୍ୟାଳୟ । କିଟ୍ ବିଶ୍ୱବିଦ୍ୟାଳୟର ଅଙ୍କିତା ୩ହଜାର ମିଟର ଷ୍ଟିପ୍‌ଲେଚେଜ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପ୍ରବୀଣ ଚିତ୍ରାଭେଲ ଟ୍ରିପଲ୍ ଜଂପରେ, ସୀମା ୫ହଜାର ମିଟର ଦୌଡ଼ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିଲେ । ସେହିପରି ପୁରୁଷ ୪ଗୁଣା ୧୦୦ ମିଟର ରିଲେରେ ମଣିକାନ୍ତ ହୋବଲିଧର, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ ଏବଂ ମୃତ୍ୟମ୍ ଜୟରାମ ଦଣ୍ଡପତି ବ୍ରୋଞ୍ଜ ପଦକ ଜିତି କିଟ୍‌ର କ୍ରୀଡ଼ା ପ୍ରତିଭାକୁ ପ୍ରମାଣିତ କରିଥିବା ବେଳେ ମହିଳା ୨୦ କିଲୋମିଟର ରେସ୍ ୱାକ୍ ଦଳଗତ ଇଭେଣ୍ଟରେ କିଟ୍‌ର ମୁନିତାପ ରାଜପତି, ମାନସୀ ନେଗି ଏବଂ ସେଜଲ ଅନିଲସିଂହ ଦଳଗତ ମନୋଭାବ ପ୍ରଦର୍ଶନ କରି କାଂସ୍ୟ ପଦକ ହାସଲ କରିଥିଲେ । ବ୍ୟାଡମିଣ୍ଟନରେ କିଟ୍‌ର ଅବିନାଶ ମହାନ୍ତି କାଂସ୍ୟ ପଦକ ଜିତି କିଟ୍ ବିଶ୍ୱବିଦ୍ୟାଳୟର ପଦକ ତାଲିକାକୁ ୬ରେ ପହଞ୍ଚାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ରବିବାର କାର୍ଯ୍ୟକ୍ରମରେ ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଅମିୟ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଭବାନୀଦେବୀ ଓ ବିଭିନ୍ନ କୋଚମାନେ ମଧ୍ୟ ଉପସ୍ଥିତ ଥିଲେ ।

## ଉପରାଷ୍ଟ୍ରପତି ନିର୍ବାଚନ

# ପ୍ରାର୍ଥୀ ଦେଖି ନିଷ୍ପତ୍ତି ନେବେ ନବୀନ

**ଭୁବନେଶ୍ୱର, ୩/୮ ନ୍ୟୁଜ ବ୍ୟୁରୋ**

ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ପରେ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି ନିର୍ବାଚନ ଆୟୋଗ । ସେପ୍ଟେମ୍ବର ୯ ତାରିଖରେ ନିର୍ବାଚନ ହୋଇ ସେହିଦିନ ଫଳାଫଳ ମଧ୍ୟ ଘୋଷଣା ହେବ । ଉପରାଷ୍ଟ୍ରପତି ଲାଗି ପ୍ରାର୍ଥୀ କିଏ ହେବେ, ସେନେଇ ବର୍ତ୍ତମାନ ଚର୍ଚ୍ଚା ଲାଗି ରହିଛି । ବିଜେଡି କାହାକୁ ସମର୍ଥନ ଦେବ ସେନେଇ ଅଧିକ ଚର୍ଚ୍ଚା ହେଉଛି । ପୁରୁଣା ଫର୍ମୁଲା ସମଦୂରତାରେ ରହିବ ନା ଜାତୀୟ ସ୍ୱାର୍ଥ କଥା କହି ଏନଡିଏ ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ ଦେବ ତାହା ଆଲୋଚନା ଚାଲିଛି । ପ୍ରାର୍ଥୀଙ୍କୁ ଦେଖି ବିଜେଡି ସଭାପତି ନିଷ୍ପତ୍ତି ନେବେ ବୋଲି ଦଳୀୟ ନେତାମାନେ କହିଛନ୍ତି । ଜରୁରୀକାଳୀନ ପରିସ୍ଥିତିରେ ଉପରାଷ୍ଟ୍ରପତି ନିର୍ବାଚନ ହେଉଛି । ଆକସ୍ମିକ ଭାବେ ଉପରାଷ୍ଟ୍ରପତି ଇସ୍ତଫା ଦେଇଥିବାରୁ ଏଭଳି ପରିସ୍ଥିତି ଉପୁଜିଛି । ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । କିନ୍ତୁ ପ୍ରାର୍ଥୀ କିଏ ହେବେ ସ୍ପଷ୍ଟ ହୋଇନାହିଁ । ଏନଡିଏ କିମ୍ବା ଇଣ୍ଡିଆ ମେଣ୍ଟ ପକ୍ଷରୁ ଏଯାଏଁ ପ୍ରାର୍ଥୀ ନାଁ ଘୋଷଣା ହୋଇନାହିଁ । ଏନଡିଏ ପକ୍ଷରୁ ୫ରୁ ଅଧିକ ନେତାଙ୍କ ନାଁ ଉପରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ଚର୍ଚ୍ଚାରେ ରହିଛି । କିନ୍ତୁ ଇଣ୍ଡିଆ ମେଣ୍ଟ କିମ୍ବା ଅନ୍ୟ କୌଣସି ଦଳ ପକ୍ଷରୁ ଏଯାଏଁ ପ୍ରାର୍ଥୀ ନାଁ ଆସିନାହିଁ । କିନ୍ତୁ ଏହା ପୂର୍ବରୁ ବିଜେଡିର ଷ୍ଟାଣ୍ଡକୁ ନେଇ ସମସ୍ତଙ୍କର ନଜର ରହିଛି । ବିଜେଡ଼ି କାହାକୁ ସମର୍ଥନ ଦେବ ବା ବିରୋଧ କରିବ କିମ୍ବା ଭୋଟିଂରୁ ନିଜକୁ ଦୂରେଇ ରଖିବ, ସେନେଇ ଚର୍ଚ୍ଚା ଲାଗି ରହିଛି । ବିଭିନ୍ନ ପ୍ରସଙ୍ଗରେ ରାଜ୍ୟରେ ବିଜେପିକୁ ବିରୋଧ କରୁଛି ବିଜେଡି । କିନ୍ତୁ ଜାତୀୟ ସ୍ତରରେ ବହୁ ପ୍ରସଙ୍ଗରେ କେନ୍ଦ୍ରୀୟ ବିଜେପିକୁ ସୁହାଇଲା ଭଳି ବିଜେଡି ନିଷ୍ପତ୍ତି ନେଇଛି । ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡ଼ି ସମର୍ଥନ ଦେବ ନା ବିରୋଧ କରିବ, ତା' ଉପରେ ସମସ୍ତଙ୍କର ନଜର ରହିଛି ।

# ୫୦.୨୫ କୋଟି ଟଙ୍କାର ୧୦୭୮ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ

**ବରଗଡ, ୩/୮ ନ୍ୟୁଜ ବ୍ୟୁରୋ**

ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଦିନିକିଆ ବରଗଡ଼ ଜିଲ୍ଲା ଗସ୍ତରେ ଆସି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିବା ସହ ନିଜ ବିଭାଗର ସମୁଦାୟ ୫୦ କୋଟି ୨୫ ଲକ୍ଷ ଟଙ୍କାର ୧୦୭୮ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଶୁଭ ଲୋକାର୍ପଣ କରିଛନ୍ତି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଅଧ୍ୟକ୍ଷତା କରିବା ସହ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗର ବିଭିନ୍ନ ଯୋଜନା ଯଥା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ରୁରାଲ ହାଉସିଂ ଓ ଅନ୍ତୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା, ସ୍ୱଚ୍ଛ ଭାରତ ମିଶନ ଆଦିର ସର୍ଭେ ସ୍ଥିତି, ଟାର୍ଗେଟ ଏବଂ ଆଚିଭ୍‌ମେଣ୍ଟର ସମୀକ୍ଷା କରିଥିଲେ । ଏତଦ ବ୍ୟତୀତ ଭେଡେନ ଏବଂ ବରପାଲି ବ୍ଲକରେ ନିର୍ମାଣଧୀନ ବୃହତ ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣର ପ୍ରଗତି, ଗ୍ରାମ୍ୟ ଉନ୍ନୟନ ବିଭାଗର ସେତୁ ବନ୍ଧ ଯୋଜନା କାର୍ଯ୍ୟ, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣର ପ୍ରଗତି ପଚାରି ବୁଝି ଆଗାମୀ ଏକ ବର୍ଷ ମଧ୍ୟରେ ଜିଲ୍ଲାର ସମସ୍ତ ଗାଁକୁ ପକ୍କା ରାସ୍ତାରେ ସଂଯୋଗ କରିବା ନିମନ୍ତେ ଯୋଜନା ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ବରଗଡ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏବଂ ବିଜେପୁର ବିଧାୟକ ସନତ କୁମାର ଗଡ଼ତୀୟା, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ଥିଲେ ।






National Sample Survey
Celebrating 75 years of NSS

ସତ୍ୟମେଵ ଜୟତେ

ଭ୍ରମଣ ଏବଂ ପର୍ଯ୍ୟଟନ ଉପରେ ସୂଚନାଯୋଗ୍ୟ ନୀତି ନିର୍ଣ୍ଣୟ କରିବାକୁ ତଥ୍ୟ

ଆସନ୍ତୁ ଜାତୀୟ ପରିସଂଖ୍ୟାନ ପ୍ରଣାଳୀକୁ ସୁଦୃଢ଼ କରିବା

ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ (ଏମ୍‌ଓଏସ୍‌ପିଆଇ) ଅନ୍ତର୍ଗତ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଜୁଲାଇ ୨୦୨୫ ରୁ ଜୁନ ୨୦୨୬ ପର୍ଯ୍ୟନ୍ତ ଘରୋଇ ପର୍ଯ୍ୟଟନ ଖର୍ଚ୍ଚ ସର୍ଭେ (ଡିଟିଇଏସ୍) ଏବଂ ଜାତୀୟ ଘରୋଇ ଯାତ୍ରା ସର୍ଭେ (ଏନ୍‌ଏଚ୍‌ଟିଏସ୍) କରୁଛି ।

ଘରୋଇ ପର୍ଯ୍ୟଟନ ଖର୍ଚ୍ଚ ସର୍ବେକ୍ଷଣ (ଡିଟିଇଏସ୍) :

ସଂଗ୍ରହ କରାଯାଉଥିବା ସୂଚନା:
- ପରିଦର୍ଶନର ଉଦ୍ଦେଶ୍ୟ - ବିଶ୍ରାମ, ସ୍ୱାସ୍ଥ୍ୟ, ତୀର୍ଥଯାତ୍ରା, କିଣାକାଟା, ସାମାଜିକ, ଇତ୍ୟାଦି ।
- ଯାତ୍ରାର ପ୍ରକାର- ପ୍ୟାକେଜ୍, ଅଣ-ପ୍ୟାକେଜ୍
- ଭ୍ରମଣର ଧାରା - ବାୟୁ, ରେଳ, ଜଳ, ସଡ଼କ ପରିବହନ
- ରହଣି ପ୍ରକାର - ବ୍ୟବସାୟିକ, ଅଣ-ବ୍ୟବସାୟିକ
- ଗନ୍ତବ୍ୟସ୍ଥଳ - ରାଜ୍ୟ ଭିତରେ, ରାଜ୍ୟ ବାହାରେ
- ଯାତ୍ରା ସେବାଗୁଡ଼ିକ ଅନ୍‌ଲାଇନରେ, ଅଫ୍‌ଲାଇନରେ ବୁକ୍ କରାଯାଇଛି
- ଭ୍ରମଣ ଖର୍ଚ୍ଚ





ଜାତୀୟ ଘରୋଇ ଯାତ୍ରା ସର୍ବେକ୍ଷଣ (ଏନ୍‌ଏଚ୍‌ଟିଏସ୍) :

ସଂଗ୍ରହ କରାଯାଉଥିବା ସୂଚନା:
- ଭ୍ରମଣର ଉଦ୍ଦେଶ୍ୟ - କାର୍ଯ୍ୟ / ଶିକ୍ଷା ପାଇଁ
- ଭ୍ରମଣର ମୂଲ୍ୟ
- ଭ୍ରମଣର ମାଧ୍ୟମ
- ସମାନ ଦିନର ଯାତ୍ରା (କାର୍ଯ୍ୟ / ଶିକ୍ଷା ବ୍ୟତୀତ)
- ଯାତ୍ରା ଆରମ୍ଭ ଏବଂ ଗନ୍ତବ୍ୟସ୍ଥଳ, ଦୂରତା, ଭ୍ରମଣ ସମୟ

ରାଷ୍ଟ୍ର ନିର୍ମାଣରେ ସହଯୋଗ କରନ୍ତୁ, ସର୍ବେକ୍ଷଣରେ ଅଂଶଗ୍ରହଣ କରନ୍ତୁ

ପରିବାରଗୁଡ଼ିକୁ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ସର୍ବେକ୍ଷକଙ୍କ ସହିତ ସହଯୋଗ କରିବାକୁ ଏବଂ ସଠିକ୍ ତଥ୍ୟ ପ୍ରଦାନ କରିବାକୁ ଅନୁରୋଧ କରାଯାଉଛି । ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ସମସ୍ତ ରିପୋର୍ଟ / ମାଇକ୍ରୋଡାଟାରେ ସର୍ବେକ୍ଷଣରେ ଅଂଶଗ୍ରହଣ କରୁଥିବା ପରିବାରର ପରିଚୟ ଗୋପନ ରଖାଯାଏ ।

www.mospi.gov.in @GoIStats /GoIStats GoIStats Ministry of Statistics & PI

CBC 39101/13/0002/2526